‘ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍’ର ସଫଳ କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ

‘ଓଡ଼ିଶା ଶ୍ରମ ଅଧିକାର ଅଭିଯାନ’ ତରଫରୁ

# ଆନ୍ତଃଜିଲ୍ଲା ପ୍ରଶିକ୍ଷକମାନଙ୍କ ପାଇଁ ଆୟୋଜିତ ତିନିଦିନିଆ ପ୍ରଶିକ୍ଷଣ ଶିବିର

ସ୍ଥାନ- ଗୋଶାଳା, ସମ୍ବଲପୁର,

## ତାରିଖ- ୧ରୁ ୩ ଫେବୃଆରି, ୨୦୦୭

## ଏକ ବିବରଣୀ

**ଅନୁସୃତ କାର୍ଯ୍ୟସୂଚୀ (ସଂକ୍ଷେପରେ)**

*ତା.୦୧.୦୨.୦୭* ପୂର୍ବାହ୍ନ : ପ୍ରତିନିଧିମାନଙ୍କ ଦ୍ୱାରା ଆତ୍ମ ପରିଚୟ ଓ ନିଜସ୍ୱ ଅନୁଭୂତି ବର୍ଣ୍ଣନ ।

- ମଧ୍ୟାହ୍ନ ଭୋଜନ -

ଅପରାହ୍ନ : ଆଇନ୍ ଓ କାର୍ଯ୍ୟକାରିତା ମାର୍ଗଦର୍ଶିକା (Operational Guidline)କୁ ଭିତ୍ତି କରି ଚିହ୍ନଟ ହୋଇଥିବା ସମସ୍ୟା ସମ୍ବନ୍ଧରେ ଆଲୋଚନା ।

*ତା.୦୨.୦୨.୦୭* ପୂର୍ବାହ୍ନ :- ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟାନ୍ୱୟନ ସହ ସଂପୃକ୍ତ କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ ଓ ସୂଚନା ସଂଗ୍ରହ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ।

– ସଂପୃକ୍ତ କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ ।

ଅପରାହ୍ନ : – ଆହରିତ ଅନୁଭୂତି ସମ୍ବନ୍ଧରେ ପ୍ରତିନିଧିଦଳମାନଙ୍କ ଦ୍ୱାରା ବକ୍ତବ୍ୟ ପ୍ରଦାନ ।

– ଅନୁଭୂତ ସମସ୍ୟାଗୁଡ଼ିକର ମୁକାବିଲା ପାଇଁ ଆଇନ୍ ଓ ମାର୍ଗଦର୍ଶିକାର ଉପଯୋଗ ଉପରେ ସମୂହ ଆଲୋଚନା ।

– ପ୍ରତିନିଧିମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତୀକରଣ ଓ ପ୍ରତିଦଳକୁ ଶିବିରର ଆଲୋଚନାର ସାରାଂଶ ପ୍ରସ୍ତୁତି ପାଇଁ ଦାୟିତ୍ୱ ଆବଣ୍ଟନ ।

– ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଏନ୍.ଆର୍.ଇ.ଜି.ଏ. ସଂପର୍କୀତ ପ୍ରଶାସନିକ ପରିପତ୍ର ଏବଂ ଆଦେଶନାମାଗୁଡ଼ିକର ପଠନ ଓ ତା’ଉପରେ ଆଲୋଚନା ।

*ତା.୦୩.୦୨.୦୭* : – ପ୍ରତିଦଳ ଦ୍ୱାରା ନିଜ ବକ୍ତବ୍ୟ ଉପସ୍ଥାପନ ।

– ସାମାଜିକ ସମୀକ୍ଷା ପ୍ରକ୍ରିୟା ଉପରେ ଆଲୋଚନା ।

– ଏକ ରାଜ୍ୟସ୍ତରୀୟ ଶ୍ରମିକ ସଂଗଠନ ଗଠନର ପ୍ରସ୍ତାବ ସଂପର୍କରେ ଆଲୋଚନା ।

– ଶିବିରରେ ଚର୍ଚ୍ଚିତ ବିଷୟଗୁଡିକର ଗୋଟିଏ ଏକୀଭୂତ ସାରାଂଶ ଉପସ୍ଥାପନ ।

# ପ୍ରଶିକ୍ଷଣ ଶିବିରର ବିସ୍ତୃତ ବିବରଣୀ

## ପ୍ରଥମ ଦିନ- ତା.୦୧.୦୨.୦୭

### ପୂର୍ବାହ୍ନ ଅଧିବେଶନ :

ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନର ପ୍ରଥମ ଅଧିବେଶନ ପୂର୍ବାହ୍ନ ୧୧.୩୦ରେ ଆରମ୍ଭ ହୋଇଥିଲା । ପ୍ରଥମେ **ଶ୍ରୀ ବୀରେନ୍ ନାୟକ**, ଆକ୍ସନ୍‌ଏଡ୍‌ର କାର୍ଯ୍ୟକ୍ରମ ଅଧିକାରୀ, ଯେ କି ଓଡ଼ିଶା ଶ୍ରମ ଅଧିକାର ଅଭିଯାନର ଦାୟିତ୍ୱରେ ଅଛନ୍ତି, ସମସ୍ତ ଯୋଗଦାତାଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତା'ପରେ ଓଡ଼ିଶା ଶ୍ରମ ଅଧିକାର ଅଭିଯାନର ରାଜ୍ୟ ସଂଯୋଜିକା **ସୁଶ୍ରୀ ନିବେଦିତା ସ୍ୱାଇଁ** ସମସ୍ତ ଯୋଗଦାତାଙ୍କୁ ସ୍ୱାଗତ ଜଣାଇବା ସହ ଓଡିଶାରେ ଏନ୍.ଆର୍.ଇ.ଜି.ଏ. କିପରି କାର୍ଯ୍ୟାନ୍ୱୟନ ହେଉଛି, ଏବଂ ଏହାର ପ୍ରକ୍ରିୟାକୁ କିପରି ସଠିକ୍ ଅର୍ଥରେ ଲୋକାଭିମୁଖୀ ରୂପ ଦେଇହେବ, ସେ ବିଷୟରେ ପ୍ରତିନିଧିମାନେ ସବିଶେଷ ଉପଲବ୍ଧି ହାସଲ କରିବା ସକାଶେ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି ବୋଲି କହିଥିଲେ । ଏହାପରେ ଆକ୍ସନ୍‌ଏଡ୍‌ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ବୀରେନ୍ ନାୟକ ଓ ଅଭିଯାନର ପରାମର୍ଶଦାତା **ଶ୍ରୀ ଚିତ୍ତବେହେରା** ଏହି ଶିବିରର ପ୍ରସ୍ତାବିତ କାର୍ଯ୍ୟସୂଚୀକୁ ଉପସ୍ଥାପନ କରିଥିଲେ । ତାପରେ ଶ୍ରୀ ବୀରେନ୍ ନାୟକ କହିଥିଲେ, ଅତି ନିକଟରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ସତ୍ତ୍ୱେ ଆମେ ସଂପୃକ୍ତ କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ କରି ଯଥାସମ୍ଭବ କିଛି ତଥ୍ୟ ଆହରଣ କରିବାକୁ ଚେଷ୍ଟା କରିବା ଏବଂ ଭବିଷ୍ୟତରେ ଏନ୍.ଆର୍.ଇ.ଜି.ଏ.ର ଯଥାର୍ଥ କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଏକ ଶ୍ରମିକ ସଂଗଠନ ଗଠନ କରିବା ସହ ଓଡ଼ିଶାରେ ଏହି ଆଇନ୍ ଅଧୀନରେ ଏକ ଉପଯୁକ୍ତ ସ୍କିମ୍ କିପରି ପ୍ରସ୍ତୁତ ହେବ ଏବଂ କାର୍ଯ୍ୟକାରୀ ହେବ, ସେଦିଗରେ ଆବଶ୍ୟକୀୟ କାର୍ଯ୍ୟକ୍ରମ ପାଇଁ ଆମକୁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପଡ଼ିବ । ଏଠାରେ ଉଲ୍ଲେଖଯୋଗ୍ୟ, ଆଲୋଚନା ପ୍ରାରମ୍ଭରେ ଏମ୍. କେ.ପି. ସମ୍ବଲପୁରର **ଶ୍ରୀ ରୁଦ୍ର ପ୍ରସାଦ ଦୌରୀ** ଏକ ଜାଗରଣ ସଂଗୀତ ପରବେଷଣ କରିଥିଲେ, ଯାହାକି ସଭାକକ୍ଷରେ ଏକ ଉତ୍ସାହର ବାତାବରଣ ଖେଳାଇ ଦେଇଥିଲା ।

### ପ୍ରତିନିଧିମାନଙ୍କ ନିଜସ୍ୱ ଅନୁଭୂତି ବର୍ଣ୍ଣନ

ଆଇନ୍‌ର କାର୍ଯ୍ୟକାରୀତା ସମ୍ବନ୍ଧରେ ନିଜର ଅଧ୍ୟୟନ ଓ ବାସ୍ତବ ଅଭିଜ୍ଞତାକୁ ଭିତ୍ତିକରି ଉପସ୍ଥିତ ପ୍ରତି ପ୍ରତିନିଧି ସଂକ୍ଷିପ୍ତ ବକ୍ତବ୍ୟମାନ ରଖିଥିଲେ । ସେହି ବକ୍ତବ୍ୟଗୁଡିକରୁ ନିମ୍ନଲିଖିତ ସମସ୍ୟାଗୁଡ଼ିକ ଦୃଷ୍ଟିଗୋଚର ହୋଇଥିଲା ।

- ଗୋଟିଏ ଦିନରେ ସମାନ ପରିମାଣର ସମୟଦେଇ ମଧ୍ୟ ପୁରୁଷମାନେ ଯେଉଁ ମଜୁରି ପାଉଛନ୍ତି ତା ତୁଳନାରେ ମହିଳାମାନେ କମ୍ ପାଉଛନ୍ତି ।
- ଦୈନିକ ମଜୁରୀ ଓ ଠିକା କାମ ବାବଦ ପାରିଶ୍ରମିକ ଭିତରେ ଥିବା ଫରକ୍‌କୁ କେନ୍ଦ୍ର କରି ଉପୁଜୁଥିବା ସମସ୍ୟାମାନ ।
- ମାଟିର ପ୍ରକାରକୁ ସବିଶେଷ ବିଚାରକୁ ନନେଇ ଠିକାକାମର ପାରିଶ୍ରମିକକୁ ମନମୁଖୀ ଭାବେ ଠିକ୍ କରିବା ।
- ଯେଉଁ ସବୁ ତଥ୍ୟ କାର୍ଯ୍ୟପତ୍ରରେ ରହିବା କଥା, ସେଗୁଡିକୁ ସ୍ଥାନିତ ନକରିବା ।
- ମୃତ ବ୍ୟକ୍ତିଙ୍କ ନାମରେ କାର୍ଯ୍ୟପତ୍ର ନିର୍ଗମନ କରାଇ ସେହି ନାମରେ କର୍ମନିଯୁକ୍ତି ଦିଆଯାଇଛି ବୋଲି ମଷ୍ଟର୍ ରୋଲ୍‌ରେ ଦେଖାଇବା ।
- ମାସମାସ ଧରି ଶ୍ରମିକମାନଙ୍କ କାର୍ଯ୍ୟପତ୍ର ଭି.ଏଲ୍.ଏଲ୍. ପାଖରେ ବା ପଞ୍ଚାୟତ ଅଫିସ୍‌ରେ ପଡ଼ିରହିବା ।
- କାମ କରିସାରିଲା ପରେ ମଧ ଶ୍ରମିକମାନେ ଦୀର୍ଘଦିନ ଧରି ନିଜର ମଜୁରି ନ ପାଇବା ।
- ବକେୟା ମଜୁରୀ ଦାବୀ କଲେ ପଞ୍ଚାୟତ ପାଖରେ ପଇସା ନାହିଁ ବୋଲି କାରଣ ଦର୍ଶାଇବା ।
- ଯେଉଁ ସ୍ଥଳେ ଡ଼େରିରେ ମଜୁରି ଦିଆଯାଉଛି, ସେପରି କ୍ଷେତ୍ରରେ ବିଳମ୍ବିତ ମଜୁରି ବିତରଣ ବାବଦରେ ରହିଥିବା କ୍ଷତିପୂରଣ ପ୍ରାବ୍‌ଧନକୁ କାର୍ଯ୍ୟକାରୀ ନକରିବା ।
- ପଞ୍ଚାୟତମାନଙ୍କରେ ବିଭିନ୍ନ ବାହାନା ଦେଖାଇ କାମରେ ମେସିନ୍ ଓ ଟ୍ରାକ୍‌ଟର ବ୍ୟବହାର କରିବା ।
- ଯେଉଁଠି ଠିକା ଭିତ୍ତିରେ ମାଟିଖୋଳା କାମ କରାଯାଉଛି, ସେ କ୍ଷେତ୍ରରେ ପାରିଶ୍ରମିକ ଦେଲାବେଳେ ମାଟି ପଡୁଥିବା ସ୍ଥାନର ଦୂରତା ଓ ମାଟି ଖନନର ଗଭୀରତାକୁ ଭିତ୍ତିକରି ଧାର୍ଯ୍ୟ ହୋଇଥିବା ପ୍ରାପ୍ୟର ହାର ପ୍ରଦାନରେ ବିଶୃଙ୍ଖଳା ।
- କେହି ବ୍ୟକ୍ତି ଏନ୍.ଆର୍.ଇ.ଜି.ଏ. ସଂପର୍କୀତ ତଥ୍ୟ ଜାଣିବାକୁ ଚାହିଁଲେ, ତାଙ୍କୁ ସୂଚନା ଅଧିକାର ଆଇନ୍ ମାଧ୍ୟମରେ ଆସିବା ପାଇଁ କୁହାଯିବା ।
- ବହୁ ମାସ ପୂର୍ବରୁ ନାମ ପଞ୍ଜିକରଣ ହୋଇଥିବା ସ୍ଥଳେ ଏ ପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟପତ୍ର ନମିଳିବା ।
- ଏନ୍.ଆର୍.ଇ.ଜି.ଏ. ଅନୁଯାୟୀ ବିଭିନ୍ନ ପ୍ରକାରର ପ୍ରକଳ୍ପ ହାତକୁ ନିଆଯିବାର ପ୍ରାବ୍‌ଧାନ ଥିବା ବେଳେ ସରକାରୀ ସ୍ତରରେ ରାସ୍ତାନିର୍ମାଣ କାମକୁ ଅଧିକ ପ୍ରାଧାନ୍ୟ ଦିଆଯିବା ।
- ଏନ୍.ଆର୍.ଇ.ଜି.ଏ. ଅଧିନରେ ଭି.ଏଲ୍.ଏଲ୍.ର କୌଣସି ଆଇନ୍‌ଗତ ଭୂମିକା ନଥିବା ବେଳେ ତାରି ପ୍ରାଧାନ୍ୟ ଦିନକୁ ଦିନ ବଢି ଚାଲିଛି ।

- କାର୍ଯ୍ୟସ୍ଥଳରେ ଶ୍ରମିକର ଦୁର୍ଘଟଣା ପରିପ୍ରେକ୍ଷିରେ ଗୋଟିଏ ପଟରେ ସେମାନଙ୍କ ପାଇଁ ପ୍ରାଥମିକ ଚିକିତ୍ସା ଏବଂ ଅନ୍ୟପଟରେ ସେମାନଙ୍କୁ କ୍ଷତିପୂରଣ ମିଳିବା ବ୍ୟବସ୍ଥା କେଉଁଠି ଦୃଷ୍ଟିଗୋଚର ନହେବା ।
- କେତେକ ସ୍ଥାନରେ କାର୍ଯ୍ୟପତ୍ରର କିଣାବିକା ଚାଲୁରହିବା ।
- ଲୋକମାନଙ୍କ ପାଖରେ ଆଇନାନୁମୋଦିତ ମୂଲ୍ୟହାରର ତାଲିକା ପହଞ୍ଚି ନପାରୁଥିବା ।
- ଗ୍ରାମସଭାରେ ଭି.ଏଲ୍.ଏଲ୍.ମାନେ ବଛା ହୋଇଥିବା ସତ୍ତ୍ୱେ, ଠିକାଦାରମାନଙ୍କ ଦ୍ୱାରା କାମ ପରିଚାଳିତ ହେଉଥିବା ।
- ଏନ୍.ଆର୍.ଇ.ଜି.ଏ. ଚାଲୁ ହେବା ସତ୍ତ୍ୱେ ଦାଦନ ଶ୍ରମିକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବା ।
- ଅନେକ ସ୍ଥାନରେ କାର୍ଯ୍ୟପତ୍ର ଯୋଗାଇଦେବା ନାମରେ ଲୋକମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଥିବା ।
- ପଞ୍ଚାୟତକୁ ଆସୁଥିବା କାମଗୁଡ଼ିକ ବିଷୟରେ ଲୋକମାନେ ଅବଗତ ନହୋଇ ପାରୁଥିବା ।
- ଆବେଦନ କରିବା ସତ୍ତ୍ୱେ କାମ ନପାଇ ବେକାରୀ ଭତ୍ତା ପାଇବା ପାଇଁ ଆଇନତଃ ହକ୍‌ଦାର ହୋଇ ମଧ୍ୟ ସେମାନଙ୍କୁ ବେକାରୀ ଭତ୍ତା ଦିଆଯାଉ ନଥିବା ।
- କାର୍ଯ୍ୟକ୍ଷେତ୍ରରେ ଶ୍ରମିକମାନଙ୍କ ସୁବିଧା ପାଇଁ ଯେଉଁସବୁ ବ୍ୟବସ୍ଥା ଆଇନତଃ ରହିବା କଥା, କୌଣସି ସ୍ଥାନରେ ତାହା ଦେଖାଯାଉ ନଥିବା ।
- ପୂର୍ବର ଗୋଟିଏ ଏକାନ୍ନବର୍ତ୍ତୀ ପରିବାର ଭିନଘର ହୋଇ ଯାଇଥିଲେ ବି ନୂତନ ପରିବାରକୁ କାର୍ଯ୍ୟପତ୍ର ନମିଳିବା ।

ଏହାପରେ **ଶ୍ରୀ ଚିତ୍ତ ବେହେରା** ଦର୍ଶାଇଥିଲେ ଯେ, ଏନ୍.ଆର୍.ଇ.ଜି. ଆଇନ୍ ସାଧାରଣ ଶ୍ରମିକ ତଥା ଲୋକମାନଙ୍କୁ ଏହାର କାର୍ଯ୍ୟକାରିତାରେ ପରିଲକ୍ଷିତ ଦୋଷତ୍ରୁଟିର ପ୍ରତିକାର ପାଇଁ ବେଶ୍ କେତେକ ଅଧିକାର ଦେଇଛି, କିନ୍ତୁ ବିଡମ୍ବନାର ବିଷୟ ସେମାନେ ଏ ବିଷୟରେ ଅଦ୍ୟାବଧି ଅବଗତ ହୋଇପାରିନାହାନ୍ତି । ସୁତରାଂ ସେହି ସବୁ ଅଧିକାର ଗୁଡିକ କ'ଣ ଏବଂ ସେଗୁଡିକୁ ପ୍ରୟୋଗ କରିବାକୁ ହେଲେ ଆଇନ୍‌ର କେଉଁ ପ୍ରାବଧାନ ଗୁଡିକର ସହାୟତା ନେବାକୁ ପଡିବ, ସେ ବିଷୟରେ ଏହି ପ୍ରଶିକ୍ଷଣ ଶିବିର ନିଜର ଚର୍ଚ୍ଚାକୁ କେନ୍ଦ୍ରୀଭୂତ କରିବା ଅତୀବ ଜରୁରୀ ।

## ଅପରାହ୍ନ ଅଧିବେଶନ :

**ଶ୍ରୀ ଚିତ୍ତ ବେହେରା** ଚର୍ଚ୍ଚା ଆରମ୍ଭ କରି କହିଲେ ଯେ, ପୂର୍ବାହ୍ନ ଅଧିବେଶନରେ ଆଲୋଚିତ ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ ପ୍ରସଙ୍ଗକୁ ଯିବା ପୂର୍ବରୁ ଆମେ ପ୍ରଥମେ ପରଖ କରି ଦେଖିବା ଉଚିତ୍- ଏହି ଆଇନ୍ ଅଧୀନରେ ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ ଯେଉଁସବୁ ଅଧିକାର ଓ ପ୍ରାପ୍ୟମାନ ଦିଆଯାଇଛି ବୋଲି ଉଭୟ ରାଜନୈତିକ ନେତୃବର୍ଗ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ତରଫରୁ ଗଣମାଧ୍ୟମରେ ପ୍ରଚାର କରାଯାଇଛି ଏବଂ ତହିଁର ଫଳସ୍ୱରୂପ ସାଧାରଣ ଲୋକ ଓ ଏପରିକି ସମାଜକର୍ମୀ ମାନଙ୍କ ମାନସପଟରେ ଏହି ଆଇନ୍‌କୁ କେନ୍ଦ୍ର କରି ଏକ ଉଜ୍ଜ୍ୱଳ ଏବଂ ଆଶାବାଦୀ ଛବି ଆଙ୍କି ହୋଇଯାଇଛି, ତାହା କେତେଦୂର ସତ୍ୟ-ଆଧାରିତ ? ବର୍ତ୍ତମାନ ଆମେ ଗୋଟିଗୋଟି କରି ଏହି ଆଇନ୍‌ର ସେହିସବୁ ପ୍ରତିଶୃତିଗୁଡିକ ସମ୍ବନ୍ଧରେ ବିଶ୍ଳେଷଣ କରିବା ଆବଶ୍ୟକ ।

**ପ୍ରଥମ ପ୍ରତିଶୃତି - କାମ ନ ମିଳିଲେ ବେକାରୀ ଭତ୍ତା ନିଶ୍ଚୟ ମିଳିବ ।**

ଆଇନ୍‌ର ଧାରା ୭(୫) ଅନୁଯାୟୀ ବେକାରୀ ଭତ୍ତାର ବିତରଣ ପ୍ରାପ୍ୟ ତାରିଖର ୧୫ ଦିନରୁ ଅଧିକ ବିଳମ୍ବ ହେବନାହିଁ । କିନ୍ତୁ ଧାରା ୮(୧) ଅନୁଯାୟୀ ଯଦି କାର୍ଯ୍ୟକ୍ରମ ଅଧିକାରୀ ତାଙ୍କର ନିୟନ୍ତ୍ରଣ ବହିର୍ଭୁତ କୌଣସି କାରଣ ଯୋଗୁଁ ବେକାରୀ ଭତ୍ତା ପ୍ରଦାନ ନ କରି ପାରନ୍ତି, ତେବେ ସେ ଜିଲ୍ଲା ସଂଯୋଜକଙ୍କୁ ଏ ବିଷୟରେ ଜଣେଇବେ ଏବଂ ଧାରା ୮(୨) ଅନୁଯାୟୀ ଜିଲ୍ଲା ସଂଯୋଜକ ଏ ବିଷୟରେ ତାଙ୍କ ବାର୍ଷିକ ବିବରଣୀରେ ରାଜ୍ୟ ସରକାରଙ୍କୁ ଜଣାଇବେ ଏବଂ ଧାରା ୮(୩) ଅନୁସାରେ ରାଜ୍ୟ ସରକାର ସଂପୃକ୍ତ ପରିବାରକୁ ଯଥାଶିଘ୍ର ବେକାରୀ ଭତ୍ତା ପ୍ରଦାନ କରିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରିବେ । ପୁଣି ଅନୁସୂଚୀ-୨ର ଧାରା (୧୬) ଓ (୧୭)ରେ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ଉପରେ କେବଳ ଏହିପ୍ରକାର ଔପଚାରିକ ରିପୋର୍ଟ କରିବାର ଦାୟିତ୍ୱ ଦିଆଯାଇଛି, କିନ୍ତୁ ବେକାରୀ ଭତ୍ତା କିଭଳି ସମୟାନୁସାରେ ସଂପୃକ୍ତ ବ୍ୟକ୍ତିଙ୍କୁ ମିଳିବ, ସେ ବିଷୟରେ କୌଣସି ଉଲ୍ଲେଖ ନାହିଁ । ଏଥିରୁ ସୁସ୍ପଷ୍ଟ ଯେ, ଯଦି ଜଣେ ବ୍ୟକ୍ତି ଏପ୍ରିଲ୍ ମାସରେ ବେକାରୀ ଭତ୍ତା ପାଇବାର ହକ୍‌ଦାର ହୁଏ ତେବେ ତାର ଏହି ସମସ୍ୟାଟି ରାଜ୍ୟସରକାରଙ୍କ ପାଖରେ କେବଳ ପହଞ୍ଚିବାର ସମୟସୀମା ସେହି ଆର୍ଥିକ ବର୍ଷର ଶେଷ ତାରଖ ଅର୍ଥାତ୍ ଆଗାମୀ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲମ୍ବି ଯାଇପାରେ । ପୁଣି ଧାରା ୮(୩)ରେ ରାଜ୍ୟ ସରକାର ଯଥାଶୀଘ୍ର ଏହାକୁ ବିତରଣ କରିବା ପାଇଁ ପଦକ୍ଷେପ ନେବେ ବୋଲି ଯାହା କୁହାଯାଇଛି, ତାହା ମଧ୍ୟ ଭ୍ରମାତ୍ମକ, କାରଣ ଆଇନ୍‌ର ପରିଭାଷାରେ 'ଯଥାଶିଘ୍ର'ର ଅର୍ଥ କିଛି ନାହିଁ, ଏହା ୧ ବର୍ଷ ହୋଇପାରେ, ପୁଣି ୫୦ ବର୍ଷ ମଧ । ଏଣୁ ''କାମ ନ ମିଳିଲେ ବେକାରୀ ଭତ୍ତା ମିଳିବ'' ବୋଲି ଆମର ଯେଉଁ ଧାରଣା ଜନ୍ମିଛି, ତାହା କେବଳ ଏକ ଗୁଜବ ।

**ଦ୍ୱିତୀୟ ପ୍ରତିଶୃତି- ଜଣେ ଅଣକୁଶଳୀ ଶ୍ରମିକ ନ୍ୟୁନତମ ଦୈନିକ ମଜୁରୀ ପାଇବାକୁ ହକ୍‌ଦାର ।**

ଆଇନ୍‌ର ଧାରା ୩(୨) ଅନୁଯାୟୀ ଜଣେ ବ୍ୟକ୍ତି ଯିଏ କି ସ୍କିମ୍ ଅନୁଯାୟୀ କାର୍ଯ୍ୟ କରିଥିବେ, ସେ ମଜୁରି ହାର ଅନୁଯାୟୀ ଦୈନିକ ମଜୁରି ପାଇବାକୁ ହକ୍‌ଦାର । ତା'ପରେ ଅନୁସୂଚୀ ୧ର ଧାରା (୮)ରେ କୁହାଯାଇଛି ଯେ, ମଜୁରି ହାର ଏପରି ସ୍ଥିର କରାଯିବ, ଯାହାଫଳରେ ୭ଘଣ୍ଟା କାମ କରିଥିବା ଜଣେ ଶ୍ରମିକ ମଜୁରି ହାର ସହିତ ସମାନ ପରିମାଣର ମଜୁରି ପାଇପାରିବ । ପୁଣି ସେହି ଅନୁସୂଚୀର ଧାରା (୬)ରେ କୁହାଯାଇଛି ଯେ, ନିର୍ଦ୍ଧାରିତ ମଜୁରିହାର ଠାରୁ ଶ୍ରମିକମାନଙ୍କୁ କୌଣସି ପରିସ୍ଥିତିରେ କାମ୍ ମଜୁରି ଦିଆଯାଇ ପାରିବ ନାହିଁ । କିନ୍ତୁ ସେହି ଅନୁସୂଚୀର ଧାରା (୭)ରେ କୁହାଯାଇଛି ଯେ, ଯେଉଁସ୍ଥଳେ ମଜୁରିର ପରିମାଣ କାମର ପରିମାଣ ସହ ସଂଯୁକ୍ତ, ସେପରି ସ୍ଥଳେ ବିଭିନ୍ନ କାମ ପାଇଁ ସ୍ଥିର ହୋଇଥିବା ମଜୁରି ହାର ଅନୁଯାୟୀ ମଜୁରି ଦିଆଯିବ । ପୁଣି ଅନୁସୂଚୀ ୧ର ଧାରା (୧୪)ରେ କୁହାଯାଇଛି

ଯେ, କାମର ଗୁଣ ଓ ପରିମାଣ ଅନୁଯାୟୀ ମଜୁରି ଦିଆଯିବ । ସୁତରାଂ ଜଣେ ଅନୁସୂଚୀ ୧ର ଧାରା (୮) ଅନୁଯାୟୀ ଦିନକୁ ସାତଘଣ୍ଟା କାମକରି ନ୍ୟୂନତମ ଦୈନିକ ମଜୁରି ପାଇବାର କୌଣସି ଗ୍ୟାରେଣ୍ଟି ନାହିଁ, କାରଣ ଧାରା (୭) ଓ (୧୪) ଅନୁଯାୟୀ ତା'ର କାମର ଗୁଣ ଓ ପରିମାଣ କମ୍ ହୋଇଛି ବୋଲି କୁହାଯାଇ ତାକୁ ଦୈନିକ ମଜୁରି ହାରଠାରୁ କମ୍ ମଜୁରି ଦିଆଯାଇପାରେ ।

**ତୃତୀୟ ପ୍ରତିଶୃତି- ଆଇନ୍‌ର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ କୌଣସି ଏକ ଅଭିଯୋଗ ୭ ଦିନରେ ଫଇସଲା ହେବ ।**

ଆଇନ୍‌ର ଧାରା ୧୫(୫ଇ) ରେ ଅଛି ଯେ, ଜଣେ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ଆଇନ୍‌ର କାର୍ଯ୍ୟାନ୍ୱୟନକୁ କେନ୍ଦ୍ରକରି ଉପୁଜୁଥିବା ପ୍ରତି ଅଭିଯୋଗକୁ ତୁରନ୍ତ ଫଇସଲା କରିବେ । ପୁଣି ଧାରା ୨୩(୬)ରେ ଅଛି ଯେ, ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତି ଅଭିଯୋଗକୁ ପଂଜିକରଣ କରି ଏହାକୁ ୭ଦିନ ମଧ୍ୟରେ ଫଇସଲା କରିବେ । ସେହିପରି ଧାରା ୧୪(୩ଜି)ରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଅଭିଯୋଗ ଫଇସଲାର ଦାୟିତ୍ୱ ଦିଆଯାଇଛି । କିନ୍ତୁ ଏଠାରେ ପ୍ରଥମେ ଉଲ୍ଲେଖଯୋଗ୍ୟ ଯେ, ଉପରୋକ୍ତ ଦୁଇ ଅଧିକାରୀ ନିଜେ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ହୋଇଥିବାରୁ, ସେମାନଙ୍କ ବିରୁଦ୍ଧରେ ହିଁ ମୂଳତଃ ଅଭିଯୋଗ ଉଠିବାର ସମ୍ଭାବନା ଅଛି । ସୁତରାଂ ଯାହାଙ୍କ ବିରୁଦ୍ଧରେ ଅଭିଯୋଗ ହେବ, ସେ ନିଜେ କେମିତି ସେ ଅଭିଯୋଗର ଫଇସଲା କରିବେ ? ଆସାମୀ ଯଦି ବିଚାରକ ହୁଏ, ତେବେ ନ୍ୟାୟ ମିଳିବ କି ? ଦ୍ୱିତୀୟତଃ କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ଜିଲ୍ଲା ସଂଯୋଜକ ଯଦି ଗୋଟିଏ ଅଭିଯୋଗର ଫଇସଲା ନକରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କି ଦଣ୍ଡବିଧାନ ହୋଇପାରିବ, ସେ ବିଷୟରେ ଆଇନ୍‌ରେ କିଛି ଉଲ୍ଲେଖ ନାହିଁ । ସୁତରାଂ ଆଇନ୍‌ରେ ଅଭିଯୋଗ-ଫଇସଲା ବ୍ୟବସ୍ଥା ଏକ ପ୍ରହସନ ମାତ୍ର ।

**ଚତୁର୍ଥ ପ୍ରତିଶୃତି- ଦୋଷୀବ୍ୟକ୍ତିଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯିବ ।**

ଆଇନ୍‌ର ଧାରା ୨୫ ଅନୁଯାୟୀ, କୌଣସି ବ୍ୟକ୍ତି ଆଇନ୍‌ର କୌଣସି ପ୍ରାବ୍ଧାନକୁ ଉଲ୍ଲଂଘନ କରଛନ୍ତି ବୋଲି ପ୍ରମାଣିତ ହେଲେ ତାଙ୍କ ବିରୁଦ୍ଧରେ ସର୍ବାଧିକ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରେ । ପ୍ରଥମତଃ, ଏହାର ଅର୍ଥ ଏଇଆ ହୋଇପାରେ ଯେ, ଜଣେ ଅଧିକାରୀ ୧ ଲକ୍ଷ ଟଙ୍କାର ଦୁର୍ନୀତି କଲେ ବି ସେ ସର୍ବାଧିକ ୧୦୦୦ ଟଙ୍କାର ଜୋରିମାନା ଦେବେ ଏବଂ ତାଙ୍କ ବିରୁଦ୍ଧରେ ଅଧିକ ଜୋରିମାନା କିମ୍ବା ଫୌଜଦାରୀ ଦଣ୍ଡବିଧାନ ହେବାର ସମ୍ଭାବନା ନାହିଁ । ସାହାଣମେଲା ଦୁର୍ନୀତିକୁ ପ୍ରୋତ୍ସାହନ ଦେବାରେ ଏହାଠାରୁ ବଳି ଉତ୍କୃଷ୍ଟ ବ୍ୟବସ୍ଥା ଅଛି କି ? ଦ୍ୱିତୀୟତଃ କେଉଁ ପ୍ରଶାସନିକ ବା ବିଚାରବିଭାଗୀୟ କର୍ତ୍ତୃପକ୍ଷ ଗୋଟିଏ କେଶ୍ ବିଚାରକରି ଏହି ଦଣ୍ଡବିଧାନ ଘୋଷଣା କରିବେ, ତାହା ଏହି ଆଇନ୍‌ରେ କେଉଁଠି ଦର୍ଶିତ ହୋଇନି । ତୃତୀୟତଃ, ଯେଉଁମାନେ ଏହି ଆଇନ୍‌ର କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ, ଯଥା ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଆଇନ୍‌ର ଧାରା ୩୦ ଅନୁଯାୟୀ ସେମାନେ ଯଦି ସଦ୍‌ବିଶ୍ୱାସରେ କୌଣସି ଉଲ୍ଲଂଘନ ଘଟାଇଥାନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କୋଣସି ମୋକଦ୍ଦମା ବା ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଦାଏର୍ ହୋଇ ପାରିବନି । ସର୍ବୋପରି ଧାରା ୨୮ ଅନୁଯାୟୀ ଏନ୍.ଆର୍.ଇ.ଜି. ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ ସ୍କିମ୍‌ର ଯେହେତୁ ଅତିକ୍ରମଣ ପ୍ରଭାବ ଅଛି, ଅର୍ଥାତ୍ ଅନ୍ୟ ଯାହା କିଛି ବିଧିବିଧାନ ଥାଉନା କାହିଁକି, ଏହି ଆଇନ୍‌ର ପ୍ରାବ୍ଧାନ ଏବଂ ଏହା ଅଧୀନସ୍ଥ ସ୍କିମ୍ ହିଁ ପ୍ରାଧାନ୍ୟ ବହନ କରିବ । ଏହାର ଅର୍ଥ ହେଲା, ଏହି ଆଇନ୍ ବା ଏହାର ସ୍କିମ୍ ଅଧୀନରେ କେହି ଯଦି ଅର୍ଥ ହଡପ କରିଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ ଅନ୍ୟ କୌଣସି ଆଇନ୍ ବା ବୈଧାନିକ ପଦକ୍ଷେପର ଆଶ୍ରୟ ନିଆଯାଇ ପାରିବନି । ସୁତରାଂ ଏହି ଆଇନ୍‌ରେ ଥିବା ଦଣ୍ଡବିଧାନ ବ୍ୟବସ୍ଥା ଯେ ସଂପୂର୍ଣ୍ଣ ରୂପେ ନିରର୍ଥକ, ଏଥିରେ ସନ୍ଦେହ ନାହିଁ ।

**ପଞ୍ଚମ ପ୍ରତିଶୃତି- ପଞ୍ଚାୟତିରାଜ ସଂସ୍ଥାମାନଙ୍କ ମାଧ୍ୟମରେ ଏନ୍.ଆର୍.ଇ.ଜି.ଏ.ର ସମସ୍ତ କାମ କରାଯିବ ।**

ଆଇନ୍‌ର ଧାରା ୧୩(୧)ରେ କୁହାଯାଇଛି ଯେ, ଗ୍ରାମ, ବ୍ଲକ୍ ଏବଂ ଜିଲ୍ଲାସ୍ତରର ପଞ୍ଚାୟତିରାଜ ସଂସ୍ଥାମାନେ ଏହି ଆଇନ୍‌ର ପ୍ରମୁଖ କାର୍ଯ୍ୟାନ୍ୱୟନ କର୍ତ୍ତୃପକ୍ଷ ରହିବେ । କିନ୍ତୁ ଧାରା ୨(ଜି)ରେ 'କାର୍ଯ୍ୟାନ୍ୱୟନ ସଂସ୍ଥା'ର ଯେଉଁ ସଂଜ୍ଞା ଦିଆଯାଇଛି, ସେଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗସମୂହ, କୌଣସି ସ୍ୱାୟତ୍ତଶାସନ ସଂସ୍ଥା ଏବଂ ସରକାରଙ୍କ ଦ୍ୱାରା ମନୋନୀତ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ଅନ୍ତର୍ଭୁକ୍ତ । ପୁଣି ଧାରା ୧୬(୫)ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, କାର୍ଯ୍ୟକ୍ରମ ଅଧିକାରୀ ଗୋଟିଏ ସ୍କିମ୍‌ର ମୋଟ୍ ଅର୍ଥ ଅଟକଳର ଅନ୍ତତଃ ୫୦ଭାଗ ଗ୍ରାମପଞ୍ଚାୟତ ଜରିଆରେ କାର୍ଯ୍ୟାନ୍ୱିତ କରାଇବେ । କିନ୍ତୁ ବାକୀ ୫୦ ଭାଗ କିଭଳି ବ୍ୟୟ ହେବ, ତହିଁର ସୁନିର୍ଦ୍ଦିଷ୍ଟ ପ୍ରାବ୍ଧାନ ଆଇନ୍‌ରେ କେଉଁଠି ସ୍ଥାନିତ ହୋଇନି । ଏହାଛଡା ଆଇନ୍‌ର ଧାରା ୧୭(୧)ରେ କୁହାଯାଇଛି ଯେ, ଗ୍ରାମ ପଞ୍ଚାୟତ ନିଜେ କାର୍ଯ୍ୟକାରୀ କରୁଥିବା କାମଗୁଡିକର ତଦାରଖ ଓ ସାମାଜିକ ସମୀକ୍ଷା ଗ୍ରାମସଭା ଜରିଆରେ ହେବ । ସୁତରାଂ ଏହା ସ୍ପଷ୍ଟ ଅନୁମେୟ ଯେ, ଅନ୍ୟ କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କ ଦ୍ୱାରା ହେଉଥିବା କାମଗୁଡିକ ଗ୍ରାମଞ୍ଚାୟତର ନିୟନ୍ତ୍ରଣ ବାହାରେ ରହିବ ।

**ଷଷ୍ଠ ପ୍ରତିଶୃତି- ଆଇନ୍‌ର ନ୍ୟୂନତମ ପ୍ରାପ୍ୟ ପ୍ରତି ଗ୍ରାମାଞ୍ଚଳ ମଜୁରି-ଶ୍ରମିକଙ୍କୁ ମିଳିବ ।**

ଆଇନ୍‌ର ପ୍ରାକ୍‌କଥନରେ କୁହାଯାଇଛି ଯେ, ଗ୍ରାମାଞ୍ଚଳର ପ୍ରତି ପରିବାରକୁ ବର୍ଷକ ଭିତରେ ଅନ୍ୟୁନ ୧୦୦ଦିନର ଅଣକୁଶଳୀ କର୍ମନିଯୁକ୍ତି ଯୋଗାଇ ଦେବାକୁ ଏହି ଆଇନ୍ ପ୍ରଣୀତ ହୋଇଛି । ଧାରା ୬(୨)ରେ କୁହାଯାଇଛି ଯେ, ପ୍ରତି ରାଜ୍ୟସରକାର କୃଷିଶ୍ରମିକଙ୍କ ପାଇଁ ଯେଉଁ ସର୍ବନିମ୍ନ ମଜୁରି ହାର ସ୍ଥିର କରିଥିବେ, ଏନ୍.ଆର୍.ଇ.ଜି.ଏ.ର ଶ୍ରମିକ ମାନେ ସେହି ହାରରେ ମଜୁରି ପାଇବେ । ପୁଣି ଧାରା ୭ ଅନୁଯାୟୀ ଜଣେ ବ୍ୟକ୍ତି ଯଦି କାମ ପାଇଁ ଆବେଦନ କରିବାର ୧୫ ଦିନ ମଧ୍ୟରେ କାମ ନ ପାଆନ୍ତି, ତେବେ ତାଙ୍କୁ ବେକାରୀ ଭତ୍ତା ମିଳିବ । ଏହାଛଡା ଏହି ଆଇନ୍ ଅଧୀନରେ କାର୍ଯ୍ୟାନ୍ୱିତ ହେଉଥିବା ପ୍ରତି କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପ୍ରାବ୍ଧାନମାନ ଏହି ଆଇନ୍‌ରେ ଖଞ୍ଜାଯାଇଛି । ଏବଂ ସର୍ବୋପରି ଆଇନ୍‌ରେ ପ୍ରଦତ୍ତ ହୋଇଥିବା ସର୍ବନିମ୍ନ ପ୍ରାପ୍ୟ ଓ ବୈଶିଷ୍ଟ୍ୟଗୁଡିକ ଯେପରି ବାସ୍ତବରେ ଉପଲବ୍‌ଧ ହୋଇପାରିବ, ସେଥିପାଇଁ ଆଇନ୍‌ର ଧାରା ୪(୧)ରେ କୁହାଯାଇଛି ଯେ, ପ୍ରତି ରାଜ୍ୟ ସରକାର ଏଥିପାଇଁ ଆଇନ୍‌ର ପ୍ରାରମ୍ଭ ତାରିଖରୁ ୬ମାସ ଭିତରେ ଗୋଟିଏ ସ୍କିମ୍ ପ୍ରଣୟନ କରି ଗେଜେଟ୍‌ରେ ବିଜ୍ଞପ୍ତି କରିବେ । କିନ୍ତୁ ଏହି ଧାରାର ପରନ୍ତୁକରେ କୁହାଯାଇଛି ଯେ, ଏପରି ବିଜ୍ଞପ୍ତି ଯଦି ଘୋଷିତ ନ ହୋଇଛି, ତେବେ ପୂର୍ବରୁ ପ୍ରଚଳିତ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (ସ୍.ଜି.ଆର୍.ଓ୍ୱାଇ.) ବା ଜାତୀୟ ଖାଦ୍ୟ ପାଇଁ କାମ ଯୋଜନା (ଏନ୍.ଏଫ୍.ଏଫ୍.ଡବ୍ଲ୍ୟୁ.ପି.)ର କର୍ମପନ୍ଥାକୁ ନୂତନ ଆଇନ୍‌ର ସ୍କିମ୍ ଅନ୍ତର୍ଗତ କର୍ମପନ୍ଥା ବୋଲି ବିବେଚନା କରାଯିବ । କିନ୍ତୁ ଏହା ଜଣାଶୁଣା କଥା ଯେ, ଏହି ପୂର୍ବ-ପ୍ରଚଳିତ ସ୍କିମ୍ ଦୁଇଟିରେ ଅନ୍ୟୁନ ବାର୍ଷିକ ୧୦୦ ଦିନର କାମ କିମ୍ବା ବେକାରୀ ଭତ୍ତା ଭଳି ପ୍ରାପ୍ୟକୁ ବୈଧାନିକ ମାନ୍ୟତା ଦିଆଯାଇନି । ସୁତରାଂ ଗୋଟିଏ ରାଜ୍ୟସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ନୂତନ ଆଇନ୍‌ରେ ନିର୍ଦ୍ଦେଶିତ ହୋଇଥିବା ସ୍କିମ୍‌କୁ ପ୍ରଣୟନ ନକରି ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍-ପ୍ରଦତ୍ତ ପ୍ରାପ୍ୟଗୁଡିକୁ

ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିପାରନ୍ତି । ଉଦାହରଣ ସ୍ୱରୂପ, ବର୍ତ୍ତମାନ ଓଡିଶାରେ ଆଇନ୍‌ର କାର୍ଯ୍ୟକାରିତାକୁ ନେଇ ଯଦି ବିଭିନ୍ନ ପ୍ରକାର ବିଶୃଙ୍ଖଳା ଦେଖାଯାଇଥାଏ, ତେବେ ତହିଁର ମୂଳ କାରଣ ହେଲା, ଓଡିଶାରେ ଏପର୍ଯ୍ୟନ୍ତ ଆଇନ୍ ଅନୁଯାୟୀ ବିଧିବଦ୍ଧ ଢଙ୍ଗରେ ସ୍କିମ୍ ତିଆରି ହୋଇନି, ଏବଂ ଉପରୋକ୍ତ ଦୁଇଟି ପୁରୁଣା ଯୋଜନା ଅନୁଯାୟୀ ଏନ୍.ଆର୍.ଇ.ଜି.ଏ. ବାବଦରେ ମିଳୁଥିବା ଅର୍ଥ ବ୍ୟୟ ହୋଇ ଚାଲିଛି ।

**ସପ୍ତମ ପ୍ରତିଶ୍ରୁତି- କାର୍ଯ୍ୟପ୍ରକ୍ରିୟାରେ କୌଣସି ଠିକାଦାରଙ୍କୁ ନିଯୁକ୍ତ କରାଯିବନି ।**

ଆଇନ୍‌ର ଅନୁସୂଚୀ-୧ର ଧାରା ୧୧ରେ ଅଛି ଯେ, ସ୍କିମ୍ ଅଧୀନରେ କୌଣସି ପ୍ରକଳ୍ପକୁ ଠିକାଦାର ମାଧ୍ୟମରେ କାର୍ଯ୍ୟକାରୀ କରାଯିବନି । କିନ୍ତୁ ଆମେ ଉପରେ ଦେଖିଲେ ଯେ, ଗୋଟିଏ ସ୍କିମ୍‌ର ଅନ୍ୟୂନ ୫୦ଭାଗ ଅର୍ଥ ଗ୍ରାମ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେବ (ଧାରା ୧୬), ଏବଂ ବାକୀ ଅର୍ଥ ଅନ୍ୟାନ୍ୟ କାର୍ଯ୍ୟାନ୍ୱୟନ ସଂସ୍ଥା, ଯଥା- ସରକାରୀ ବିଭାଗସମୂହ, ସ୍ୱାୟତ୍ତଶାସନ ସଂସ୍ଥା ଏବଂ ସରକାର-ମନୋନୀତ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଜରିଆରେ ବ୍ୟୟ ହୋଇପାରେ (ଧାରା ୨ଜି) । ପୁଣି ଆମେ ଦେଖିଲେ, ଗ୍ରାମ ପଞ୍ଚାୟତ ଅଧୀନରେ କାର୍ଯ୍ୟାନ୍ୱୀତ ହେଉଥିବା କାର୍ଯ୍ୟଗୁଡିକର ତଦାରଖ ଓ ସାମାଜିକ ସମୀକ୍ଷା ପାଇଁ ଆଇନ୍‌ରେ ବ୍ୟବସ୍ଥାମାନ ଅଛି (ଧାରା ୧୭-୧), ଯେଉଁ କାରଣ ଯୋଗୁଁ ଠିକାଦାର ନିଯୁକ୍ତି ସମ୍ବନ୍ଧୀୟ କଟକଣାକୁ ପାଳନ କରାଯାଇପାରେ । କିନ୍ତୁ ଅନ୍ୟ କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କ କାର୍ଯ୍ୟପ୍ରକ୍ରିୟାକୁ ତଦାରଖ ଓ ସାମାଜିକ ସମୀକ୍ଷା କରିବା ପାଇଁ କୌଣସି ବୈଧାନିକ ବ୍ୟବସ୍ଥା ନଥିବା କାରଣରୁ ସେମାନେ ଠିକାଦାର ନିଯୁକ୍ତି ଭଳି ବିପରୀତ ଆଚରଣ କଲେ ବି ସେମାନଙ୍କୁ ପଦାରେ ପକାଇବା ବା ପ୍ରତିରୋଧ କରିବାର କୌଣସି ସମ୍ଭାବନା ନାହିଁ ।

**ଅଷ୍ଟମ ପ୍ରତିଶ୍ରୁତି – କୌଣସି କାମରେ ମେସିନ୍ ବ୍ୟବହାର କରାଯିବନି ।**

ଆଇନ୍‌ର ପ୍ରାକ୍‌କଥନରେ କୁହାଯାଇଛି ଯେ, ଗ୍ରାମାଞ୍ଚଳର ଯେଉଁସବୁ ପରିବାରର ବ୍ୟକ୍ତିମାନେ ଅଣକୁଶଳୀ ଦୈହିକ ଶ୍ରମ କରିବାକୁ ଚାହିଁବେ, ସେମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କୁ ବର୍ଷ ଭିତରେ ଅନ୍ତତଃ ୧୦୦ଦିନର କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ଏହି ଆଇନ୍ ପ୍ରଣୟନ କରାଯାଉଛି । କିନ୍ତୁ ଅନୁସୂଚୀ ୧ର ଧାରା (୧୨)ରେ କୁହାଯାଇଛି ଯେ, ଗୋଟିଏ କାମ ଯଥାସମ୍ଭବ ଦୈହିକ ଶ୍ରମ ଦ୍ୱାରା ସମ୍ପାଦିତ ହେବ, ମେସିନ୍ ଦ୍ୱାରା ନୁହେଁ । କିନ୍ତୁ ସମସ୍ତେ ଜାଣନ୍ତି, ଆଇନ୍‌ର ପରିଭାଷାରେ 'ଯଥାସମ୍ଭବ'ର ଅର୍ଥ କିଛି ନାହିଁ । ପୁଣି ଆଇନ୍‌ର ଧାରା ୨୨(୧ବି)ରେ କୁହାଯାଇଛି ଯେ, କୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ପିଛା ବ୍ୟୟ ହେଉଥିବା ମୋଟ୍ ଅର୍ଥର ତିନି-ଚତୁର୍ଥାଂଶ କେନ୍ଦ୍ର ସରକାର ବହନ କରିବେ । ଆହୁରି ମଧ୍ୟ ଅନୁସୂଚୀ ୧ର ଧାରା (୯)ରେ କୁହାଯାଇଛି ଯେ, ଯେ କୌଣସି ପ୍ରକଳ୍ପରେ ସାମଗ୍ରୀ ବାବଦରେ ବ୍ୟୟ (ଯେଉଁଥିରେ ଅନ୍ତର୍ଭୁକ୍ତ ହେବ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି) ମୋଟ୍ ବ୍ୟୟର ଶତକଡା ୪୦ ହୋଇପାରିବ । ଏହିସବୁ ପ୍ରାବଧାନଗୁଡିକ କ'ଣ ରାଜ୍ୟସରକାରମାନଙ୍କୁ ଦୈହିକ, ଅଣକୁଶଳୀ ଶ୍ରମିକ ବଦଳରେ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ବେପରୁଆ ଭାବେ ନିଯୁକ୍ତ କରିବା ପାଇଁ ଖୋରାକ୍ ଯୋଗାଉନି କି ?

**ନବମ ପ୍ରତିଶ୍ରୁତି – କାର୍ଯ୍ୟପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରହିବ ।**

ଏହି ଆଇନ୍‌ର ଛତ୍ରେଛତ୍ରେ ସଂପୃକ୍ତ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିରନ୍ତର ବଜାୟ ରହିବ ବୋଲି କୁହାଯାଇଛି, ଏବଂ ଏହିକାରଣରୁ ଏହାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ମୋଟାମୋଟି ଦୁର୍ନୀତିମୁକ୍ତ ରହିବ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା, ଯଦିଓ ଏକବର୍ଷରୁ ଉର୍ଦ୍ଧ୍ୱକାଳର ବାସ୍ତବ ଅଭିଜ୍ଞତା ଓଲଟା ଚିତ୍ର ପ୍ରଦାନ କରୁଛି, ଅର୍ଥାତ୍ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତାରେ ସାହାଣମେଲା ଭ୍ରଷ୍ଟାଚାର ପାଇଁ ବାଟ ଖୋଲିଛି । ଆଇନ୍‌ର ଧାରା ୨୩ର ଶୀର୍ଷକ ହେଲା 'ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ' । ଏହାକୁ ଜଣେ ଅଧ୍ୟୟନ କଲେ ଜାଣିପାରିବେ ଯେ, ଯେଉଁ ଅଧିକାରୀମାନଙ୍କୁ ଆଇନ୍ କାର୍ଯ୍ୟାନ୍ୱୟନର ପ୍ରମୁଖ କର୍ତ୍ତୃପକ୍ଷଭାବେ ଗ୍ରହଣ କରାଯାଇଛି, ଯଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଓ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ, ସେମାନଙ୍କୁ ହିଁ ଏହି ଧାରା ବଳରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବାର ଦାୟିତ୍ୱ ଓ କ୍ଷମତା ନ୍ୟସ୍ତ କରାଯାଇଛି । ଅର୍ଥାତ୍ ସେମାନେ ହିଁ ଏକାଧାରରେ ଅର୍ଥବ୍ୟୟ କରିବେ, ହିସାବ ରଖିବେ, ସେମାନଙ୍କ କାର୍ଯ୍ୟକଳାପକୁ କେନ୍ଦ୍ର କରି କୌଣସି ଅଭିଯୋଗ ଆସିଲେ, ସେମାନେ ହିଁ ତହିଁର ବିଚାର କରିବେ । ଅନୁସୂଚୀ-୧ର ଧାରା (୧୩)ରେ ପ୍ରତି ସ୍କିମ୍ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ପ୍ରତି ସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବ ବୋଲି କୁହାଯାଇଛି । ପୁଣି ଅନୁସୂଚୀ ୧ର ଧାରା (୧୬) ଓ (୧୭) ଅନୁଯାୟୀ ସେମାନେ ସମସ୍ତ ହିସାବ ଓ ରେକର୍ଡପତ୍ରକୁ ସର୍ବସାଧାରଣଙ୍କ ନିରୀକ୍ଷଣ ଏବଂ ସମୀକ୍ଷା ପାଇଁ ମୁକ୍ତ ରଖିବେ ଏବଂ କେହି ବ୍ୟକ୍ତି ତହିଁର ନକଲ ଚାହିଁଲେ ତାହା ତୁରନ୍ତ ଯୋଗାଇଦେବେ । କିନ୍ତୁ ଯଦି ସେମାନେ ତାହା ନକରନ୍ତି, ବ୍ୟଥିତ ବ୍ୟକ୍ତି ସେମାନଙ୍କ ବିରୁଦ୍ଧରେ କେଉଁ ନିରପେକ୍ଷ କମିଶନ୍ ବା ସଂସ୍ଥା ପାଖକୁ ଯିବେ, ସେ ବିଷୟରେ ଆଇନ୍‌ରେ କିଛି ସୂଚିତ ହୋଇନି । ପୁଣି ଆଇନ୍‌ର ଧାରା ୩୦ ଅନୁଯାୟୀ ସେମାନେ ଯଦି 'ସଦ୍‌ବିଶ୍ୱାସ'ରେ କୌଣସି ଉଲ୍ଲଂଘନ ଘଟାଇ ଥାଆନ୍ତି, ତେବେ ତାଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା କି କାର୍ଯ୍ୟବିଧି ଆରମ୍ଭ ହୋଇପାରିବନି । ଯଦି କେବେ ବି ତାଙ୍କର କୌଣସି ଉଲ୍ଲଂଘନ ସାବ୍ୟସ୍ତ ହୁଏ, ତେବେ ମାତ୍ର ୧୦୦୦ ଟଙ୍କାରେ ସେ ମାର୍ଜ୍ଜନା ପାଇଯିବେ (ଧାରା ୨୫) । ସୁତରାଂ ଏହି ଆଇନ୍‌ର କାର୍ଯ୍ୟକାରିତା ପ୍ରକ୍ରିୟାରେ କି ପ୍ରକାର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରହିବ, ତାହା ସ୍ପଷ୍ଟ ଅନୁମେୟ ।

**ଦଶମ ପ୍ରତିଶ୍ରୁତି – ଜଳଅମଳ, ମରୁଡି-ପ୍ରତିକାର ଓ ବନୀକରଣ ଇତ୍ୟାଦି ପ୍ରକଳ୍ପଗୁଡିକୁ ପ୍ରାଧାନ୍ୟ ଦିଆଯିବ ।**

ଆଇନ୍‌ର ଅନୁସୂଚୀ-୧ର ଧାରା (୧)ରେ ଅଗ୍ରାଧିକାର କ୍ରମରେ ୮ପ୍ରକାର କାମର ତାଲିକା ସ୍ଥାନିତ ହୋଇଛି । ସେଥିରୁ ଅନେକଙ୍କର ଏକ ଧାରଣା ଜନ୍ମିଛି ଯେ, କ୍ରମସଂଖ୍ୟା ୧ରୁ ୭ ମଧ୍ୟରେ ଯେଉଁସବୁ ପ୍ରକଳ୍ପ (ଯଥା, ଜଳଅମଳ, ମରୁଡି ପ୍ରତିରୋଧ, ବନୀକରଣ, ଜଳସେଚନ, ଜଳାଶୟର ପୁନରୁଦ୍ଧାର, ଭୂ-ଉନ୍ନୟନ, ବନ୍ୟା ନିୟନ୍ତ୍ରଣ, ଜଳନିଷ୍କାସନ ଇତ୍ୟାଦି) କଥା କୁହାଯାଇଛି, ସେଗୁଡିକ ପ୍ରକୃତ ପକ୍ଷେ ପ୍ରକଳ୍ପ ଚୟନରେ ଅଗ୍ରାଧିକାର ପାଇବ ଏବଂ ତଦ୍ୱାରା ଲୋକଙ୍କ ଜୀବନଜୀବିକାର ତୁରନ୍ତ ଉନ୍ନତି ଆସିପାରିବ । କିନ୍ତୁ ଲକ୍ଷ୍ୟ କରାଗଲା ଯେ, ଉପରୋକ୍ତ ତାଲିକାର ସବା ତଳେ ଥିବା, ଅର୍ଥାତ୍ କ୍ରମସଂଖ୍ୟା ୮ରେ ସ୍ଥାନିତ ହୋଇଥିବା ଗମନାଗମନ ପ୍ରକଳ୍ପ (ଯଥା, ପକ୍କାସଡକ ନିର୍ମାଣ) ଉପରେ ବିଭିନ୍ନ ସ୍ଥାନରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଛି । ପ୍ରକଳ୍ପ-ଚୟନରେ ପରିଲକ୍ଷିତ ହେଉଥିବା ଏପ୍ରକାର ବିଶୃଙ୍ଖଳାର ମୂଳ କାରଣ ମଧ୍ୟ ସେହି ଆଇନ୍ ଭିତରେ ଅଛି । ଦୃଷ୍ଟାନ୍ତ ସ୍ୱରୂପ, ଅନୁସୂଚୀ-୧ର ଧାରା (୨) ଓ (୪)ରେ 'ଦୀର୍ଘସ୍ଥାୟୀ ସମ୍ପଦ ସୃଷ୍ଟି' ଉପରେ ଗୁରୁତ୍ୱ ଦିଆଯାଇଛି, ଏବଂ ଏଥିରେ କିଛି ବିସ୍ମୟର କାରଣ ନାହିଁ, ସଡକ-ନିର୍ମାଣକୁ ଏକ ଦୀର୍ଘସ୍ଥାୟୀ ସମ୍ପଦ ରୂପେ ସରକାର ଏବଂ ପ୍ରଶାସନ ଚିତ୍ରଣ କରୁଛନ୍ତି ।

ଉପରୋକ୍ତ ଆଲୋଚନା ବେଳେ ଆଇନ୍‌ର ଓଡିଆ ଅନୁବାଦରୁ ସଂପୃକ୍ତ ପ୍ରାବ୍‌ଧାନଗୁଡିକୁ ପ୍ରତିନିଧିମାନଙ୍କୁ ପଢି ଶୁଣେଇ ଦିଆ ଯାଉଥିଲା ତଥା ପ୍ରତିନିଧିମାନେ ନିଜେ ମଧ୍ୟ ନିଜ ପାଖରେ ଥିବା ଅନୁବାଦରୁ ସେଗୁଡିକୁ ମିଳେଇ ଦେଖୁଥିଲେ ।

ତା'ପରେ ଶ୍ରୀ ବେହେରା ଆଲୋଚନାକୁ ଜାରି ରଖି କହିଲେ ଯେ, ଯେତେବେଳେ ମୂଳ ଆଇନ୍ ଏତେସବୁ ଅସଂଗତି ଏବଂ ଦୋଷତ୍ରୁଟିରେ ଭରପୁର୍, ବର୍ତ୍ତମାନ ଆମ ଆଗରେ ବାଟ କ'ଣ ଅଛି ? ଏହି ପ୍ରଶ୍ନର ଉତ୍ତରରେ ସେ ପୁଣି କହିଲେ, ଯେହେତୁ ଆଇନ୍‌ର ଉଦ୍ଦେଶ୍ୟ ମହତ୍ ଏବଂ ଏହା ଆମ ଗାଁଗହଳିର ଦିନମଜୁରିଆ ଗୋଷ୍ଠୀଙ୍କୁ ଜୀବିକା ଅର୍ଜନରେ ସହାୟକ ହେବା ସହିତ ସ୍ଥାୟୀ ସମୂହ ସମ୍ପଦ ସୃଷ୍ଟି କରିବା ପାଇଁ ଅଭିପ୍ରେତ, ତେଣୁ ଆଇନ୍‌ର ଭୁଲ୍‌ଭଟକା କିପରି ସଂଶୋଧନ କରାଯାଇ ଏହାକୁ ଯଥାର୍ଥ ଢଙ୍ଗରେ କାର୍ଯ୍ୟାନ୍ୱୟନ କରାଯାଇ ପାରିବ, ସେ ଦିଗରେ ଆମେ ତତ୍‌ପର ହେବା ଉଚିତ୍ ।

**<u>ଏନ୍.ଆର୍.ଇ.ଜି.ଏ.ରେ ରହିଥିବା ବର୍ତ୍ତମାନର ଦୋଷଦୁର୍ବଳତାକୁ ସଂଶୋଧନ କରିବାର ଉପାୟମାନ</u>**

ପ୍ରଥମତଃ ଆଇନ୍‌ର ଧାରା ୩୪(୧)ରେ ବ୍ୟବସ୍ଥା ଅଛି ଯେ, ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଯଦିକିଛି ଅସୁବିଧା ଦେଖାଦିଏ, ତେବେ ସେସବୁକୁ ଦୂରକରିବା ପାଇଁ କେନ୍ଦ୍ରସରକାର ଆବଶ୍ୟକ ବା ଜରୁରୀ ମନେକଲେ ଆଇନ୍‌ର ପ୍ରାରମ୍ଭ ତାରିଖ ଠାରୁ ୩ବର୍ଷ ମଧ୍ୟରେ ସରକାରୀ ଗେଜେଟ୍‌ରେ ଆଦେଶନାମା ଜାରି କରି ସମୁଚିତ ବ୍ୟବସ୍ଥାମାନ ଗ୍ରହଣ କରିପାରିବେ । ଦ୍ୱିତୀୟତଃ ଧାରା ୨୯(୧)ରେ କୁହାଯାଇଛି ଯେ, ଆଇନ୍‌ରେ ସଂଲଗ୍ନ ହୋଇଥିବା ଅନୁସୂଚୀ- ୧ (ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ର ନ୍ୟୁନତମ ବୈଶିଷ୍ଟ୍ୟମାନ) ଏବଂ ଅନୁସୂଚୀ-୨ (ଗୋଟିଏ ସ୍କିମ୍ ଅଧୀନରେ କର୍ମନିଯୁକ୍ତିର ଗ୍ୟାରେଣ୍ଟି ପାଇଁ ସର୍ତ୍ତସମୂହ ଏବଂ ଶ୍ରମିକମାନଙ୍କ ନ୍ୟୁନତମ ପ୍ରାପ୍ୟସମୂହ)ରେ କେନ୍ଦ୍ର ସରକାର ଚାହିଁଲେ ବିଜ୍ଞପ୍ତି ଜରିଆରେ ସଂଶୋଧନ ଆଣିପାରିବେ । ସୁତରାଂ ସମାଜକର୍ମୀମାନେ ଯଦି କେନ୍ଦ୍ର ସରକାରଙ୍କ ନିକଟକୁ ଆଇନ୍‌ରେ ରହିଥିବା ଅସଂଗତି ଓ ଦୋଷଦୁର୍ବଳତା ସମ୍ବନ୍ଧରେ ଲଗାତାର ଲେଖିଚାଲନ୍ତି, ତେବେ ଦିନେ ନା ଦିନେ କେନ୍ଦ୍ର ସରକାର ଉପରୋକ୍ତ ପ୍ରାବ୍‌ଧାନଗୁଡିକ ବଳରେ ଆଇନ୍‌ର ସଂଶୋଧନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରବୃତ୍ତ ହେବେ ।

**ଓଡିଶାରେ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍**

ଏହା ପରେ ପ୍ରଶ୍ନ ଉଠିଲା, ଓଡିଶା ଭଳି ରାଜ୍ୟ, ଯେଉଁଠି ଏନ୍.ଆର୍.ଇ.ଜି.ଏ. ଆଇନ୍ ନାଁରେ ବିଭିନ୍ନ ପ୍ରକାର କେଳଙ୍କାରି ଘଟିଚାଲିଛି, ସେଠାରେ କ'ଣ କରିବାକୁ ପଡିବ ? ଏହାର ଉତ୍ତରରେ ଶ୍ରୀ ବେହେରା କହିଲେ, **ଧାରା ୨୮ରେ ଥିବା ପ୍ରାବ୍‌ଧାନ (ଅତିକ୍ରମଣ ପ୍ରଭାବ)** ଅନୁଯାୟୀ ବିଭିନ୍ନ ରାଜ୍ୟମାନଙ୍କରେ ଏହି ଆଇନ୍ ନାଁରେ ଯାହା ଚାଲିଥିବ, ତାହା ଯଦି ମୂଳ ଆଇନ୍‌ଠାରୁ ନିକୃଷ୍ଟମାନର ହୋଇଥାଏ, ତେବେ ତାକୁ ବେଆଇନ୍ ବୋଲି ସାବ୍ୟସ୍ତ କରିହେବ । ଦ୍ୱିତୀୟତଃ, ଧାରା **୨୭(୧)**ରେ ଅଛି ଯେ, ଯଦି କୌଣସି ରାଜ୍ୟରେ ଆଇନ୍‌ଠାରୁ ବିଚ୍ୟୁତି ବା ବ୍ୟତିକ୍ରମ ପରିଲକ୍ଷିତ ହେଉଥାଏ, ତେବେ ତାକୁ ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାର ସଂପୃକ୍ତ ରାଜ୍ୟକୁ ନିର୍ଦ୍ଦେଶନା ଦେଇପାରିବେ । ପୁଣି **ଧାରା ୨୭(୨)**ରେ ଉଲ୍ଲେଖ ଅଛି ଯେ, ଏହି ଆଇନ୍ ଅଧୀନରେ ମଞ୍ଜୁର ହୋଇଥିବା କୌଣସି ଅର୍ଥରାଶିର ଅପଚୟ ସମ୍ବନ୍ଧରେ ଯଦି କେନ୍ଦ୍ର ସରକାର କୌଣସି ଅଭିଯୋଗ ପାଆନ୍ତି, ଏବଂ ଆପାତ-ଦୃଷ୍ଟିରେ ଏହି ଅଭିଯୋଗର ଯଦି ଭିତ୍ତି ଥାଏ, ତେବେ ସେ କୌଣସି ସଂସ୍ଥା ଜରିଆରେ ଏହାର ତଦନ୍ତ କରାଇପାରନ୍ତି, ସଂପୃକ୍ତ ସ୍କିମ୍‌କୁ ଅର୍ଥ ଦେବା ବନ୍ଦ କରି ଦେଇ ପାରନ୍ତି ଏବଂ ସ୍କିମ୍‌ର ଯଥାର୍ଥ କାର୍ଯ୍ୟାନ୍ୱୟନ ପାଇଁ ଅନ୍ୟାନ୍ୟ ସମୁଚିତ ପ୍ରତିକାରମାନ ଗ୍ରହଣ କରିପାରନ୍ତି ।

## ଓଡିଶାରେ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଚାଲୁଅଛି କି ?

ଏହାପରେ ପ୍ରଶ୍ନ ଉଠିଥିଲା, ଓଡିଶାରେ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ (OREGS- Orissa Rural Employment Guarantee Scheme)ର ସ୍ଥିତି କ'ଣ ? ଅନେକ ସିଭିଲ୍ ସୋସାଇଟି ସଂଗଠନ ମନେ କରନ୍ତି ଯେ, ଓଡିଶାରେ ଏହି ସ୍କିମ୍ ଗଢାହୋଇ ଚାଲୁ ରହିଛି, ଯଦିଓ ଏହାକୁ ଠିକ୍ ରୂପେ କାର୍ଯ୍ୟକାରୀ କରାଯାଉ ନଥିବାରୁ ବିଭିନ୍ନ ପ୍ରକାର ବିଶୃଙ୍ଖଳା ଉପୁଜୁଛି । କିନ୍ତୁ ଶ୍ରୀ ବେହେରା ଦର୍ଶେଇଲେ ଯେ, ଓଡିଶାରେ ବର୍ତ୍ତମାନ ସୁଦ୍ଧା ଏହି ସ୍କିମ୍ ପ୍ରବର୍ତ୍ତୀତ ହୋଇ ପାରିନାହିଁ, ଯଦିଓ କେବଳ ବେସରକାରୀ ସଂଗଠନ ନୁହେଁ, ଅନେକ ସରକାରୀ ଅଧିକାରୀ ବିଭ୍ରାନ୍ତିବଶତଃ ମନେକରନ୍ତି ଯେ ଓଡିଶାରେ ଏହି ସ୍କିମ୍ ଚାଲୁ ହୋଇସାରିଛି । ବିଭ୍ରାନ୍ତିର ମୂଳ କାରଣ ହେଲା, ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିଜ ଓ୍ୱେବ୍‌ସାଇଟ୍‌ରେ OREGS ନାଁରେ ଏକ ସ୍କିମ୍ ସ୍ଥାନିତ କରିଛନ୍ତି । କିନ୍ତୁ ସ୍କିମ୍‌ଟିକୁ ଦେଖିଲେ ଜଣେ ଜାଣିପାରିବ ଯେ ଏହା ଏକ ଚିଠା ଦଲିଲ୍ (Draft Scheme) ମାତ୍ର, ଯହିଁରେ ଏହାର ପ୍ରକାଶନର ତାରିଖ ମଧ୍ୟ ସୂଚିତ ହୋଇନାହିଁ । ବିଭ୍ରାନ୍ତିର ଦ୍ୱିତୀୟ କାରଣ ହେଲା, ରାଜ୍ୟ ସରକାର ମଝିରେ ମଝିରେ ଗଣମାଧ୍ୟମରେ ଯେଉଁ ବିଜ୍ଞାପନ ଦେଉଛନ୍ତି ଏବଂ ନିଜ ଅଧିକାରୀମାନଙ୍କ ପାଇଁ ଯେଉଁସବୁ ପରିପତ୍ର ଜାରି କରୁଛନ୍ତି, ସେଥିରେ ମଧ୍ୟ ବେଳେବେଳେ ସ୍କିମ୍ ଶବ୍ଦ ବ୍ୟବହାର କରୁଛନ୍ତି, ଯାହାକି ଆଇନ୍ ଦୃଷ୍ଟିରୁ ଆପତ୍ତିଜନକ ।

ସମସ୍ତେ ଜାଣିବା ଉଚିତ୍ ଯେ, ଆଇନ୍‌ର ଧାରା ୪ ରେ ଗୋଟିଏ ରାଜ୍ୟ ଦ୍ୱାରା ସ୍କିମ୍ ପ୍ରସ୍ତୁତି ଓ ବିଜ୍ଞପ୍ତି ସମ୍ବନ୍ଧରେ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି । ଏହାର ଉପଧାରା (୧)ରେ କୁହାଯାଇଛି ଯେ, ବର୍ଣ୍ଣିତ ବ୍ୟବସ୍ଥାଗୁଡ଼ିକୁ ପ୍ରଭାବଶାଳୀ କରାଇବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଏହି ଆଇନ୍‌ର ପ୍ରାରମ୍ଭ ତାରିଖରୁ ଛଅମାସ ମଧ୍ୟରେ ଏକ ସ୍କିମ୍ ପ୍ରସ୍ତୁତ କରି ତା'ର ବିଜ୍ଞପ୍ତି ଗେଜେଟ୍‌ରେ ପ୍ରକାଶ କରାଇବେ, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଏହି ସ୍କିମ୍‌ର ପରିସର ଭୁକ୍ତ ଗ୍ରାମାଞ୍ଚଳରେ ଗୋଟିଏ ଆର୍ଥିକ ବର୍ଷରେ ପ୍ରତି ପରିବାରକୁ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଅଧୀନରେ ସୁନିଶ୍ଚିତ କର୍ମନିଯୁକ୍ତି ଯୋଗାଇଦେବା । କିନ୍ତୁ ଆଇନ୍‌ର ପ୍ରାରମ୍ଭ ତାରିଖରୁ ୬ମାସ ପୂରିଥିଲା ୨ ଫେବୃଆରି ୨୦୦୬ରେ, ସେବେ ତ ସ୍କିମ୍ ବିଜ୍ଞପ୍ତି ହୋଇନଥିଲା, ପୁଣି ସେହି ତାରିଖରୁ ବର୍ଷେ ସମୟ ଅତିବାହିତ ହୋଇଗଲାଣି । କିନ୍ତୁ ଓଡିଶା ସ୍କିମ୍ ଗେଜେଟ୍‌ରେ ବିଜ୍ଞପ୍ତି ହୋଇଛି କି ? ନା, ହୋଇନାହିଁ । ସ୍କିମ୍ ନାଁରେ ଯାହାକୁ ଆମେ ପଞ୍ଚାୟତିରାଜ ଓ୍ୱେବ୍‌ସାଇଟ୍‌ରେ ଦେଖୁଛେ, ତାହା ଏକ ତାରିଖ-ବିହୀନ ଚିଠା ଦଲିଲ୍ ମାତ୍ର ।

ଓଡିଶା ପାଇଁ ଯେ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଏପର୍ଯ୍ୟନ୍ତ ହୋଇନାହିଁ, ତାହା ଖୋଦ୍ ପଞ୍ଚାୟତିରାଜ ବିଭାଗର ତଦାନୀନ୍ତନ କମିଶନର୍-ସଚିବ ଶ୍ରୀ ଏସ୍.ଏନ୍.ତ୍ରିପାଠୀ ତାଙ୍କର ୨୫ ଫେବୃଆରି ୨୦୦୬ ପରିପତ୍ରରେ ଦର୍ଶେଇ ଯାଇଛନ୍ତି । ସଂପୃକ୍ତ ୧୯ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସମ୍ବୋଧିତ ଏହି ପରିପତ୍ରରେ ସ୍ପଷ୍ଟଭାବେ କହିଛନ୍ତି, "ଯେହେତୁ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ୨୦୦୫ ଫେବୃଆରି ୨, ୨୦୦୬ରୁ କାର୍ଯ୍ୟକାରୀ ହେଲାଣି ଏବଂ ପୁଣି ଯେହେତୁ ରାଜ୍ୟସରକାର ଓଡିଶା ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ (OREGS)ର ଚୂଡାନ୍ତ ଦଲିଲ୍‌କୁ ଏପର୍ଯ୍ୟନ୍ତ ବିଜ୍ଞପ୍ତି କରିନାହାନ୍ତି, ତେଣୁ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା/କାମପାଇଁ ଖାଦ୍ୟ ଜାତୀୟ କାର୍ଯ୍ୟକ୍ରମ ( SGRY/NFFWP), ଯାହାର ବାର୍ଷିକ ବା ପରିପ୍ରେକ୍ଷଣ ଯୋଜନା ଚଳିତ ବର୍ଷ କାର୍ଯ୍ୟକାରୀ ହୋଇଚାଲିଛି, ତାକୁ ଆଇନ୍‌ର ଧାରା ୪ ଅଧୀନରେ ସ୍ଥାନିତ ହୋଇଥିବା ସ୍କିମ୍‌ର କର୍ମଯୋଜନା ବୋଲି ବିବେଚନା କରାଯିବ" । ଏବଂ ମଜାର କଥା ହେଉଛି, ଆଇନ୍‌ର ଧାରା ୪(୧)ର ପରନ୍ତୁକରେ ଏପରି ଏକ କାମଚଳା ବ୍ୟବସ୍ଥାକୁ ମାନ୍ୟତା ମଧ୍ୟ ଦିଆଯାଇଛି । କିନ୍ତୁ ଧାରା ୪କୁ ସାମଗ୍ରୀକ ଭାବେ ଅନୁଧ୍ୟାନ କଲେ ମାଲୁମ୍ ହେବ ଯେ, ଅନ୍ୟ ଯୋଜନାକୁ ସ୍କିମ୍‌ର ମାନ୍ୟତା ଦେବା ଏକ ସାମୟିକ, ଅସ୍ଥାୟୀ, କାମଚଳା ବ୍ୟବସ୍ଥା ହୋଇପାରେ, କିନ୍ତୁ ଦୀର୍ଘସ୍ଥାୟୀ ଓ ଚୂଡାନ୍ତ ବ୍ୟବସ୍ଥା ନୁହେଁ । ଏହାପରେ ସେହି ବିଭାଗ ତରଫରୁ ଯେତେସବୁ ପରିପତ୍ର ଜାରି କରାଯାଇଛି, ସେଥିରେ NREGS ବା OREGS ଭଳି ଶବ୍ଦ ବ୍ୟବହାର କରାଯାଇଥିଲେ ହେଁ, ସ୍କିମ୍ ହୋଇଯାଇଛି ବୋଲି କେଉଁଠି କୁହାଯାଇନି । ଦେଖିବାକୁ ଗଲେ, ଏପ୍ରକାର ଶବ୍ଦ ବ୍ୟବହାର କରିବା ଫଳରେ ସରକାର ଓ ବେସରକାରୀ, ସବୁ ସ୍ତରରେ ବ୍ୟାପକ ବିଭ୍ରାନ୍ତି ସୃଷ୍ଟି ହୋଇଛି ।

### ଏକ ବିଧିବଦ୍ଧ ସ୍କିମ୍ ଜରୁରୀ କାହିଁକି ?

ପ୍ରଶ୍ନ ଉଠିପାରେ, ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତା ପାଇଁ ସ୍କିମ୍ କ'ଣ ଅପରିହାର୍ଯ୍ୟ ? ହଁ, ଯଦି ଶ୍ରମିକମାନେ ଏହି ଆଇନ୍‌ରେ ଗ୍ୟାରେଣ୍ଟି ଦିଆଯାଇଥିବା ପ୍ରାପ୍ୟ ଓ ଅଧିକାରଗୁଡିକୁ ପୁରାପୁରି ହାସଲ କରିବାକୁ ଚାହିଁବେ, ତେବେ ବିଧିବଦ୍ଧ ଭାବେ ପ୍ରଣୀତ ଓ ବିଜ୍ଞାପିତ ହୋଇଥିବା ଏକ ସ୍କିମ୍‌ର ଆବଶ୍ୟକତା ରହିଛି । କାରଣ, ପ୍ରଥମତଃ ଅନ୍ୟ ଗୋଟିଏ ଯୋଜନାରେ ଥିବା ବ୍ୟବସ୍ଥାଗୁଡିକୁ ଆମେ ଆଇନତଃ ଦାବୀ କରିପାରିବାନି, କାରଣ ସେଗୁଡିକ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ପ୍ରବର୍ତ୍ତୀତ ହେଉଥିବା ଯୋଜନା, କିନ୍ତୁ ଏହି ଆଇନ୍‌ଟି ଯେହେତୁ ସଂସଦରେ ଗୃହୀତ ହୋଇଛି, ତେଣୁ ଏହା ଅଧୀନରେ ପ୍ରସ୍ତୁତ ସ୍କିମ୍‌ର ବ୍ୟବସ୍ଥାଗୁଡିକର ଉଲ୍ଲଂଘନ ବିରୁଦ୍ଧରେ ଆମେ ନ୍ୟାୟାଳୟକୁ ମଧ୍ୟ ଯାଇପାରିବା । ଦ୍ୱିତୀୟତଃ ରାଜ୍ୟସରକାର ମନଇଚ୍ଛା ଗୋଟିଏ ସ୍କିମ୍ ତିଆରି କରିପାରିବେନି । କାରଣ, ଆଇନ୍‌ରେ ସଂଲଗ୍ନ ହୋଇଥିବା ଅନୁସୂଚୀ-୧ରେ ଥିବା ବୈଶିଷ୍ଟଗୁଡିକୁ ଗୋଟିଏ ସ୍କିମ୍ ଯେମିତି ହେଲେ ବହନ କରିଥିବ ଥଦ୍ରଷ୍ଟବ୍ୟ ଧାରା ୪(୩)ଧ, ଏବଂ ଅନୁସୂଚୀ-୨ରେ କର୍ମନିଯୁକ୍ତିର ଗ୍ୟାରେଣ୍ଟି ତଥା ଶ୍ରମିକମାନଙ୍କ ସର୍ବନିମ୍ନ ପ୍ରାପ୍ୟକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସର୍ତ୍ତାବଳୀକୁ  ଗୋଟିଏ ସ୍କିମ୍ ବହନ କରିବାକୁ ମଧ୍ୟ ବାଧ୍ୟ ଥଦ୍ରଷ୍ଟବ୍ୟ ଧାରା ୫ ଧ । ଓଡିଶାରେ ବର୍ତ୍ତମାନ ସ୍କିମ୍ ନଥିବାରୁ ଏହି ଆଇନ୍‌କୁ ବିଭିନ୍ନ ସ୍ଥାନରେ ମନମୁଖୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି; କିନ୍ତୁ ଥରେ ଏକ ପ୍ରକୃତ ସ୍କିମ୍ ପ୍ରଣୀତ ହୋଇଗଲେ, ପ୍ରଶାସନ ପାଇଁ ଆଇନ୍‌କୁ କାର୍ଯ୍ୟକାରୀ କରିବା ଯେମିତି ସହଜ ହେବ, ଶ୍ରମିକମାନେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ମଧ୍ୟ ସେମିତି ସହଜ ହୋଇପଡିବ । ସର୍ବୋପରି ଆଇନ୍‌ରେ ଥିବା ସ୍ୱବିରୋଧିତା ଏବଂ ଅସଂଗତି ଗୁଡିକୁ ଆମେ ଏଡାଇ ଯାଇ ପାରିବା, ଯଦି ସେଗୁଡିକୁ ଆଖିଆଗରେ ରଖି ସ୍କିମ୍‌ରେ ଆମେ ଉପଯୁକ୍ତ ପ୍ରତିକାରକ ବ୍ୟବସ୍ଥାମାନ ସ୍ଥାନିତ କରିପାରୁ । ସୁତରାଂ ଓଡିଶାରେ ଏନ୍.ଆର୍.ଇ.ଜି.ଏ. ସହ ସଂଗତି ରକ୍ଷା କରି ଯଥାଶୀଘ୍ର ଏକ ସମୁଚିତ ସ୍କିମ୍ ଚାଲୁ କରିବା ପାଇଁ ଦାବୀ କରିବାକୁ ପଡିବ । ଏହାପରେ **ଚା' ବିରତି** ଘୋଷିତ ହୋଇଥିଲା ।

### ସ୍କିମ୍‌ରେ କି କି ବ୍ୟବସ୍ଥାମାନ ସ୍ଥାନିତ ହେବା ଜରୁରୀ

ଅଳ୍ପ-କ୍ଷଣ ଚା' ବିରତି ପରେ ପୁଣି ଆଲୋଚନା ଆରମ୍ଭ କରାଯାଇଥିଲା । ଗୋଟିଏ ସ୍କିମ୍‌ରେ କି କି ବ୍ୟବସ୍ଥାମାନ ରହିବା ଜରୁରୀ, ସେ ବିଷୟ ଜାଣିବା ପାଇଁ ପ୍ରଥମେ ଆଇନ୍‌ର **ଅନୁସୂଚୀ –୨(ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ଗ୍ୟାରେଣ୍ଟିର ସର୍ତ୍ତାବଳୀ ଓ ଶ୍ରମିକମାନଙ୍କର ସର୍ବନିମ୍ନ ପ୍ରାପ୍ୟସମୂହ)**କୁ ଯୌଥପଠନ କରାଯାଇଥିଲା । ଯୌଥପଠନ ସମୟରେ କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଉପରେ ବିଶେଷଭାବେ ଧ୍ୟାନ ଦିଆଯାଇଥିଲା । ପ୍ରଥମଟି ହେଲା **ଅନୁସୂଚୀ-୨ର ଧାରା-୨** ଅନୁଯାୟୀ କାର୍ଯ୍ୟପତ୍ରରେ ସଂପୃକ୍ତ ଶ୍ରମିକମାନଙ୍କର ଫଟୋ ରହିବା ଜୁରରୀ, କାରଣ ଶ୍ରୀ ଚିତ୍ତ ବେହେରାଙ୍କ କହିବା ଅନୁଯାୟୀ କାର୍ଯ୍ୟପତ୍ରରେ ଫଟୋ ରହିଥିଲେ, ବାହାରୁ ଆସିଥିବା ଗୋଟିଏ ସମୀକ୍ଷକଦଳ ଜଣେ ଶ୍ରମିକ ପ୍ରକୃତରେ ତାଙ୍କ ପ୍ରାପ୍ୟ ପାଇଛନ୍ତି କି ନାହିଁ ତାଙ୍କୁ ସିଧାସଳଖ ପଚାରି ଯାଞ୍ଚ କରିପାରିବେ; ଫଟୋ ନଥିଲେ ସଂପୃକ୍ତ ଅଧିକାରୀ ଭିନ୍ନ ଜଣେ ବ୍ୟକ୍ତିଙ୍କୁ ଠିଆ କରେଇ ସେ ତାଙ୍କ ପ୍ରାପ୍ୟ ପାଇଛନ୍ତି ବୋଲି ସାବ୍ୟସ୍ତ କରାଇପାରିବେ । ଶ୍ରମ ଅଧିକାର ଅଭିଯାନର ତଥ୍ୟ-ସଂକଳନ ଅଧିକାରୀ **ଶ୍ରୀ ରଘୁନନ୍ଦନ ପୁହାଣ** କହିଥିଲେ ଯେ, ପରିବାରର କେବଳ ମୁଖିଆଙ୍କ ଫଟୋ ନୁହେଁ, ସମସ୍ତ ସାବାଳକ ବ୍ୟକ୍ତିଙ୍କ ଫଟୋ କାର୍ଯ୍ୟପତ୍ରରେ ରହିବା ଜରୁରୀ, ଯାହା ଫଳରେ ଏହା ଏକ ଶ୍ରମିକ ପରିଚୟ ପତ୍ର ଭାବେ କାମ କରିବ ଏବଂ ସେଥିରେ ଯେଉଁମାନଙ୍କ ଫଟୋ ଲାଗିଥିବ, ସେମାନଙ୍କ ଭିତରୁ ପ୍ରତି ବ୍ୟକ୍ତି ସେହି କାର୍ଯ୍ୟପତ୍ର ଅଧିନରେ କାମ କରିପାରିବେ । ଏହାପରେ **ଧାରା-୧୫** ଉପରେ ଜୋର୍ ଦିଆଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ,  ଜଣେ ବ୍ୟକ୍ତିଙ୍କୁ ଗୋଟିଏ ସପ୍ତାହରେ ୬ଦିନରୁ ଅଧିକ କାମ କରିବାକୁ କୁହାଯିବ ନାହିଁ ଏବଂ ଥରକେ ଅନ୍ତତଃ ୧୪ ଦିନର କାମ ଲଗାତର ଭାବେ ଦିଆଯିବ । କିନ୍ତୁ ଦେଖାଯାଉଛି ଯେ, ଜଣେଜଣେ ଶ୍ରମିକଙ୍କୁ ଲଗାତରଭାବେ ୨୦ ଦିନ ଧରି କାମରେ ଲଗାଯାଉଛି ଏବଂ ମଷ୍ଟର୍ ରୋଲ୍‌ରେ ସେହିଭାବେ ରେକର୍ଡ କରାଯାଉଛି, ଯାହାକି ବେଆଇନ୍ । ଏହାପରେ **ଧାରା-୨୭** ଉପରେ ଆଲୋକପାତ କରାଯାଇଥିଲା, ଯାହା ଅନୁସାରେ କର୍ମପରିସରରେ ଶ୍ରମିକମାନଙ୍କ ପାଇଁ କେତେକ ଅତ୍ୟାବଶ୍ୟକୀୟ ସୁବିଧାସୁଯୋଗ ରହିବା କଥା, ଯଥା- ଶୁଦ୍ଧ ପାନୀୟ ଜଳ, ଶିଶୁ ଓ ଶ୍ରମିକମାନଙ୍କ ବିଶ୍ରାମ ପାଇଁ ପାଇଁ ଛାଇ ଜାଗା ଓ ପ୍ରାଥମିକ ଚିକିତ୍ସା ପେଟି ଇତ୍ୟାଦି । **ଧାରା-୩୪**କୁ ମଧ ଆଲୋଚନା କରାଯାଇଥିଲା, ଯେଉଁଥିରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ମଜୁରୀ ବ୍ୟବସ୍ଥା ସ୍ଥାନିତ ହୋଇଛି ।

ଏହାପରେ **ଅନୁସୂଚୀ-୧** ପାଠ କରାଯାଇଥିଲା, ଯେଉଁଥିରେ ଗୋଟିଏ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ରେ କିକି ସର୍ବନିମ୍ନ ବୈଶିଷ୍ଟ୍ୟମାନ ସନ୍ନିବିଷ୍ଟ ହେବ, ତହିଁର ସବିଶେଷ ଉଲ୍ଲେଖ ରହିଛି । ଏହି ଆଲୋଚନା ବେଳେ ଧାରା ୧, ୧୫, ୧୬ ଓ ୧୭ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । **ଧାରା-୧**ରେ ଏନ୍.ଆର୍.ଇ.ଜି.ଏ. ଅଧିନରେ ହେବାକୁ ଥିବା କାମଗୁଡ଼ିକର ଏକ ଅଗ୍ରାଧିକାର ତାଲିକା ରହିଛି, ଯେଉଁଥିରେ ପ୍ରଥମ ଅଗ୍ରାଧିକାର ଦିଆଯାଇଛି ଜଳ ସଂରକ୍ଷଣ ଓ ଜଳ ଅମଳ ପ୍ରକଳ୍ପ ଉପରେ । କିନ୍ତୁ ବିଡମ୍ବନାର ବିଷୟ, ଏହି ତାଲିକାରେ ସର୍ବନିମ୍ନ ଅଗ୍ରାଧିକାର ପାଇଥିବା ପ୍ରକଳ୍ପ, ଯଥା ଗ୍ରାମାଞ୍ଚଳ ଗମନାଗମନକୁ ଓଡିଶାରେ ପ୍ରଥମ ଅଗ୍ରାଧିକାର ଦିଆଯାଉଛି । ଏହାପରେ ଓଡିଶାରେ ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଦେଖାଯାଉଥିବା ଦୋଷତ୍ରୁଟିର ସଂଶୋଧନ କରିବା ପାଇଁ ସାଧାରଣ ଲୋକଙ୍କୁ କିକି ଅଧିକାର ଅନୁସୂଚୀ-୧ରେ ଦିଆଯାଇଛି, ସେ ବିଷୟ ଆଲୋଚନା କରାଯାଇଥିଲା । **ଧାରା-୧୫**ରେ କୁହାଯାଇଛି ଯେ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଗ୍ରାମ ପଞ୍ଚାୟତ ଦ୍ୱାରା ସ୍କିମ୍‌ର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ପ୍ରସ୍ତୁତ ହେଉଥିବା ବାର୍ଷିକ ବିବରଣୀକୁ ଯେ କୌଣସି ନାଗରିକ ଚାହିଁବା ମାତ୍ରେ ଦେଖିପାରିବେ । **ଧାରା-୧୬**ରେ କୁହାଯାଇଛି ଯେ, ସ୍କିମ୍ ସଂପର୍କୀତ ସମସ୍ତ ହିସାବ ଓ ରେକର୍ଡପତ୍ର ସାଧାରଣ ନାଗରିକଙ୍କ ତର୍ଜମା ପାଇଁ ମୁକ୍ତ ରହିବ । ପୁଣି **ଧାରା-୧୭**ରେ କୁହାଯାଇଛି ଯେ, ପ୍ରତି ପ୍ରକଳ୍ପର ମଷ୍ଟର ରୋଲ୍ ଗ୍ରାମ ପଞ୍ଚାୟତ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯେ କୌଣସି ବ୍ୟକ୍ତିଙ୍କ ନିରୀକ୍ଷଣ ପାଇଁ ମୁକ୍ତ ରହିବ । ଶ୍ରୀ ଚିତ୍ତ ବେହେରା ମନ୍ତବ୍ୟ ଦେଇଥିଲେ ଯେ, ଅନୁସୂଚୀ-୧ରେ ଥିବା ସ୍ୱଚ୍ଛତା ସମ୍ବନ୍ଧରେ ଏହି ତିନୋଟି ଶେଷ ଧାରା (୧୫, ୧୬ ଓ ୧୭) କେବଳ ଶ୍ରମିକ ନୁହଁନ୍ତି, ଯେ କୌଣସି ସିଭିଲ୍ ସୋସାଇଟି ସଂଗଠନ ହାତରେ ଗୋଟିଏ ଗୋଟିଏ ଅମୋଘ ଅସ୍ତ୍ର, ଯାହାକୁ ଉପଯୋଗ କରି ସେମାନେ ଆଇନ୍‌ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଘଟୁଥିବା ଯାବତୀୟ ଦୁର୍ନୀତି ଓ ବେଆଇନ୍ କାରବାରକୁ ପଦାରେ ପକାଇ ପାରିବେ ଓ ପ୍ରତିକାର କରିପାରିବେ ।

## କେନ୍ଦ୍ରୀୟ କର୍ମସଂପାଦନା ମାର୍ଗଦର୍ଶୀକା (Operational Guidelines)

ପ୍ରତି ରାଜ୍ୟ ସରକାର ଏନ୍.ଆର୍.ଇ.ଜି.ଏ.କୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଆଇନ୍‌ର ଧାରା-୪ ଅନୁଯାୟୀ ଗୋଟିଏ ସ୍କିମ୍ ବନେଇ ତାକୁ ଗେଜେଟ୍‌ରେ ବିଜ୍ଞପ୍ତି କରିବା କଥା । ଏହି ସ୍କିମ୍ ଯେପରି ପ୍ରକୃତ ପକ୍ଷେ ଆଇନାନୁମୋଦିତ ଓ ଲୋକାଭିମୁଖୀ ଢଙ୍ଗରେ ପ୍ରସ୍ତୁତ ହେବ, ସେହି କାର୍ଯ୍ୟରେ ସହାୟକ ହେବାପାଇଁ ଭାରତ ସରକାରଙ୍କ ଗ୍ରାମ ଉନ୍ନୟନ ବିଭାଗ ତରଫରୁ ଏକ କର୍ମସଂପାଦନା ମାର୍ଗଦର୍ଶୀକା ପ୍ରସ୍ତୁତ କରାଯାଇଛି । ଏଥିରେ ମୋଟ ୧୩ଟି ଅଧ୍ୟାୟ ଏବଂ ୨୦ଟି ପରିଶିଷ୍ଟ ଅଛି । ଆମେ ଦେଖିବା କଥା, ଆମ ରାଜ୍ୟରେ ଏନ୍.ଆର୍.ଇ.ଜି.ଏ. ଅଧୀନରେ ସଚିବାଳୟ ଠାରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ଯାହାକିଛି କରାଯାଉଛି, ସେଗୁଡିକ ଏହି ମାର୍ଗଦର୍ଶୀକାକୁ ଅନୁସରଣ କରି କି ଉଲ୍ଲଂଘନ କରି । ଯଦି ଉଲ୍ଲଂଘନ କରାଯାଉଥାଏ, ତେବେ ତହିଁର ଦୃଷ୍ଟାନ୍ତ ଆମେ **କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ**ର ନଜରକୁ ଆଣିପାରିବା, ଯାହାଙ୍କ ଉପରେ **ଆଇନ୍‌ର ଧାରା ୧୧** ଅନୁଯାୟୀ ଆଇନ୍‌ର କାର୍ଯ୍ୟାନ୍ୱୟନର ମୂଲ୍ୟାୟନ ଓ ତଦାରଖର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପୁଣି ଏତାଦୃଶ ଉଲ୍ଲଂଘନ ବିଷୟରେ ଆମେ **କେନ୍ଦ୍ର ସରକାର**ଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବା, ଯାହାଙ୍କୁ ଆଇନ୍‌ର **ଧାରା ୨୭** ଅଧୀନରେ ଏକ ଅଭିଯୋଗକୁ ବିଚାର କରି ସଂପୃକ୍ତ ରାଜ୍ୟସରକାରଙ୍କୁ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶନା ଦେବାର କ୍ଷମତା ଦିଆଯାଇଛି ।

ଏହାପରେ **କର୍ମସମ୍ପାଦନା ମାର୍ଗଦର୍ଶିକାର ଦଶମ ଓ ଏକାଦଶ ଅଧ୍ୟାୟ**କୁ ବିଶଦ୍ ଭାବେ ପଠନ ଓ ଆଲୋଚନା କରାଯାଇଥିଲା, ଯେଉଁଥିରେ ଏନ୍.ଆର୍.ଇ.ଜି.ଏ.ର **କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ** ବଜାୟ ରଖିବା ପାଇଁ ସୁବିସ୍ତୃତ ଦିଗନିର୍ଦ୍ଦେଶମାନ ଉଲ୍ଲେଖ କରାଯାଇଛି । **ଦଶମ ଅଧ୍ୟାୟ**ରେ କୁହାଯାଇଛି ଯେ, ସୂଚନା ଅଧିକାର ଆଇନ୍-୨୦୦୫ର ଉଭୟ ଭାବ ଓ ଭାଷାକୁ ଅନୁସରଣ କରାଯିବ, ଏବଂ ଏନ୍.ଆର୍.ଇ.ଜି.ଏ. ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ସର୍ବସାଧାରଣଙ୍କ ଗୋଚରାର୍ଥେ ଉପଲବ୍ଧ ରହିବା ଏବଂ କୌଣସି ତଥ୍ୟ କେହି ଜାଣିବାକୁ ଚାହିଁଲେ, ତାଙ୍କୁ ସଂପୃକ୍ତ ସୂଚନା ଦେବାକୁ ମନା କରାଯାଇ ପାରିବନି । ଏହି ଆଇନ୍ ଅଧୀନସ୍ଥ ମୂଳ ଦଲିଲ୍ ଓ ସୂଚନାଗୁଡିକୁ ଗ୍ରାମ ସଭା ଓ ଗ୍ରାମ ପଞ୍ଚାୟତ ସମେତ ଏହାର କାର୍ଯ୍ୟାନ୍ୱୟନ ସହ ଜଡିତ ଥିବା ପ୍ରତି ସ୍ତରର ପ୍ରତି ସଂସ୍ଥା ପାଖରେ ଏପରି ସୁପ୍ରସ୍ତୁତ ଓ ସଦ୍ୟାକୃତ ହୋଇ ରହିଥିବ, ଯାହାଫଳରେ ସର୍ବସାଧାରଣ ଲୋକେ ସେଗୁଡିକୁ ସହଜରେ ହାସଲ କରିବାକୁ ସମର୍ଥ ହେଉଥିବେ । ଏହି ନଥିଗୁଡିକ ହେଲା, କାର୍ଯ୍ୟ ପାଇଁ ଆବେଦନ ସଂଖ୍ୟା, ପଂଜିକରଣ, ନିର୍ଗମିତ ହୋଇଥିବା କାର୍ଯ୍ୟପତ୍ର ସଂଖ୍ୟା, କାର୍ଯ୍ୟ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ତାଲିକା, ସେମାନଙ୍କ ମଧ୍ୟରୁ କାହାକୁ କାର୍ଯ୍ୟ ଦିଆଯାଇଛି ଏବଂ କାହାକୁ ଦିଆଯାଇନି, କେତେ ପାଣ୍ଠି ମିଳିଛି ଓ କେତେ ବିନିଯୁକ୍ତ ହୋଇଛି, ବିତରିତ ଅର୍ଥ, ଅନୁମୋଦିତ କାର୍ଯ୍ୟମାନ, ଆରମ୍ଭ ହୋଇଥିବା କାର୍ଯ୍ୟମାନ, ପ୍ରତି କାର୍ଯ୍ୟର ଅଟକଳ ଓ ବ୍ୟୟିତ ପରିମାଣ, ସମୟ-ଅବଧି, କାର୍ଯ୍ୟଦିବସ ସୃଷ୍ଟି, ସ୍ଥାନୀୟ କମିଟିମାନଙ୍କ ରିପୋର୍ଟ ତଥା ମଷ୍ଟର୍ ରୋଲ୍‌ର ନକଲ । ପ୍ରତି ପ୍ରକଳ୍ପ ପାଇଁ ଏକ ଗ୍ରାମସଭା ଦ୍ୱାରା ସ୍ଥାନୀୟ ବ୍ୟକ୍ତିମାନଙ୍କୁ ନେଇ ଏକ ସଜାଗତା ଓ ତଦାରଖ କମିଟି (Vigilance and Monitoring Committee) ଗଢାଯିବ । ସଂପୃକ୍ତ କାର୍ଯ୍ୟକାରକ ସଂସ୍ଥା ଏହି କମିଟିକୁ ଗୋଟିଏ କାର୍ଯ୍ୟ ପାଇଁ ଅର୍ଥ ଅଟକଳ, ପ୍ରସ୍ତାବିତ ସମୟ-ଅବଧି ଏବଂ ମାନଦଣ୍ଡ ବିଷୟରେ ସୂଚିତ କରାଇବେ ଏବଂ ଏହି କମିଟିର ଚୂଡାନ୍ତ ରିପୋର୍ଟ ପ୍ରତି କାର୍ଯ୍ୟର ସମାପ୍ତି ପ୍ରମାଣପତ୍ର ସହିତ ସଂଲଗ୍ନ ହେବ । ଏହାଛଡା ଏକ ସ୍ଥାନୀୟ ହିତାଧିକାରୀ କମଟି ମଧ୍ୟ ଗଠିତ ହୋଇପାରେ, ଯାହାର କାର୍ଯ୍ୟ ହେବ ହିତାଧିକାରୀମାନଙ୍କ ପ୍ରାପ୍ୟଗୁଡିକ ବିଷୟରେ ଉପଯୁକ୍ତ ସଚେତନତା ସୃଷ୍ଟି କରିବା ତଥା ଲୋକଙ୍କ ଦ୍ୱାରା ସୂଚନା ଅଧିକାର ଆଇନ୍‌ର ପ୍ରୟୋଗକୁ ସୁନିଶ୍ଚିତ କରିବା । ପ୍ରତି ସ୍ତରରେ ଆପତ୍ତି ମୀମାଂସା ବ୍ୟବସ୍ଥା କାର୍ଯ୍ୟକରିବ । କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍ ସ୍ତରରେ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଜିଲ୍ଲା ସ୍ତରରେ ଆପତ୍ତି-ମୀମାଂସା ଅଧିକାରୀ ଭାବେ କାର୍ଯ୍ୟ କରିବେ । ଜିଲ୍ଲା ସଂଯୋଜକଙ୍କ ବିରୁଦ୍ଧରେ ଆପତ୍ତିକୁ ଫଇସଲା କରିବା ପାଇଁ ଏକ ରାଜ୍ୟସ୍ତରୀୟ କର୍ତ୍ତୃପକ୍ଷଙ୍କୁ ସରକାର ଚିହ୍ନିତ କରିବେ । ପ୍ରତି ଆପତ୍ତିକୁ ଲିପିବଦ୍ଧ କରିବା ପାଇଁ ଏକ ରେଜିଷ୍ଟର୍ ରହିବ ଏବଂ ପ୍ରତି ଆପତ୍ତିକର୍ତ୍ତାଙ୍କୁ ତାଙ୍କ ଆପତ୍ତିର ତାରିଖ ଓ ସଂଖ୍ୟା ସୂଚିତ ଥିବା ଏକ ରସିଦ ଦିଆଯିବ । ପ୍ରତି ସପ୍ତାହରେ ଥରେ ଆପତ୍ତିଗୁଡିକୁ ଇଣ୍ଟରନେଟ୍‌ରେ ସ୍ଥାନିତ କରାଯିବ ଏବଂ ଆପତ୍ତିକର୍ତ୍ତା ଚାହିଁଲେ ଇଣ୍ଟରନେଟ୍‌ରୁ ନିଜ ଆପତ୍ତିର ସ୍ଥିତି ଜାଣିପାରିବେ । ରାଜ୍ୟସରକାର ଚାହିଁଲେ ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ଏକ ବିକଳ୍ପ ଆପତ୍ତି ମୀମାଂସା ବ୍ୟବସ୍ଥା ପ୍ରତିଷ୍ଠା କରିପାରନ୍ତି । ରାଜ୍ୟସରକାର ଚାହିଁଲେ ଜିଲ୍ଲା ସ୍ତରରେ ନିରପେକ୍ଷ ସଂସ୍ଥା ଦ୍ୱାରା ଆପତ୍ତି ମୀମାଂସା ପାଇଁ ବ୍ୟବସ୍ଥା ରଖିପାରନ୍ତି । କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ଦ୍ୱାରା କରାଯାଇଥିବା ଆପତ୍ତି-ମୀମାଂସା ସମ୍ବନ୍ଧୀୟ ସୂଚନାକୁ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ବୈଠକରେ ଉପସ୍ଥାପନ କରାଯିବ ।

**ଏକାଦଶ ଅଧ୍ୟାୟରେ** କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ନିରନ୍ତର ସଜାଗତାକୁ ସୁନିଶ୍ଚିତ କରିବା ପାଇଁ 'ସାମାଜିକ ସମୀକ୍ଷା' ଉପରେ ସୁନିର୍ଦ୍ଧିଷ୍ଟ ବ୍ୟବସ୍ଥାମାନ ବିସ୍ତାରିତ ଢଙ୍ଗରେ ଅବତାରଣା କରାଯାଇଛି । ବିଶେଷକରି ପ୍ରତି ୬ମାସରେ ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା କରାଯିବାକୁ ବାଧ୍ୟତାମୂଳକ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରକଳ୍ପ ସଂପର୍କୀତ ସମସ୍ତ ସୂଚନା ବଡପାଟିରେ ପଢାଯିବ ଏବଂ ଉପସ୍ଥିତ ଲୋକେ ସଂପୃକ୍ତ ଅଧିକାରୀମାନଙ୍କୁ ଯାବତୀୟ ବ୍ୟାପାରରେ ପ୍ରଶ୍ନ ପଚାରିବେ ଏବଂ ସମସ୍ତ ରେକର୍ଡଗୁଡ଼ିକୁ ଯାଞ୍ଚ କରିପାରିବେ । କିପରି ଗୋଟିଏ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ଓ ପରିଚାଳିତ ହେବ, ସେ ସମ୍ବନ୍ଧରେ ଏହି ଅଧ୍ୟାୟରେ ବିଶଦ୍ ସୂଚନା ମଧ୍ୟ ଦିଆଯାଇଛି । ଅନ୍ତତଃ ଏକ ମାସ ପୂର୍ବରୁ ଏହି ବୈଠକ ସମ୍ବନ୍ଧରେ ସମସ୍ତଙ୍କୁ ସୂଚିତ କରାଯିବ । ସମସ୍ତ ରେକର୍ଡଗୁଡ଼ିକୁ ବୈଠକର ୧୫ଦିନ ପୂର୍ବରୁ ଗ୍ରାମପଞ୍ଚାୟତ ଅଫିସ୍‌କୁ ଲୋକମାନଙ୍କ ଦ୍ୱାରା ମାଗଣା ଯାଞ୍ଚ ପାଇଁ ପଠେଇ ଦିଆଯିବ । ଏହି ବୈଠକରେ ସଭାପତିତ୍ୱ କରିବେ ଏମିତି ଜଣେ ବ୍ୟକ୍ତି, ଯେ କି ପଞ୍ଚାୟତ ପ୍ରତିନିଧି କି ସରକାରୀ ଅଧିକାରୀ ହୋଇନଥିବେ । ଏହି ବୈଠକର ସଂପାଦକ ଭାବେ କାର୍ଯ୍ୟ କରିବେ ସଂପୃକ୍ତ ଗ୍ରାମ ପଞ୍ଚାୟତ ବାହାରୁ ଆସିଥିବା ଜଣେ ବ୍ୟକ୍ତି । ବଡପାଟିରେ ସୂଚନା ପଢା କାର୍ଯ୍ୟ ମଧ୍ୟ ଏଭଳି ବ୍ୟକ୍ତିମାନଙ୍କ ଦ୍ୱାରା କରାଯିବ, ଯେ କି କାର୍ଯ୍ୟାନ୍ୱୟନରେ ଜଡିତ ନଥିବେ । ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ । ସଂଖ୍ୟାଗରିଷ୍ଠ ମତ ଭିତ୍ତିରେ ନିଷ୍ପତ୍ତି ବା ପ୍ରସ୍ତାବ ଗୃହୀତ ହେବ, କିନ୍ତୁ ଭିନ୍ନମତଗୁଡ଼ିକୁ ମଧ୍ୟ ଲିପିବଦ୍ଧ କରି ରଖାଯିବ । ପୂର୍ବ ବୈଠକର ନିଷ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ବିବରଣୀ ଉପସ୍ଥାପନ କରାଯିବ । ଦୁର୍ନୀତି ଅଭିଯୋଗ ଉଠିଥିଲେ ଜିଲ୍ଲା ବାହାରୁ ବିଶେଷଜ୍ଞମାନଙ୍କୁ ଯଥା, ଇଞ୍ଜିନିଅର୍ ଓ ହିସାବବିତ୍‌ମାନଙ୍କୁ ଡକାଯାଇ ସେମାନଙ୍କ ଦ୍ୱାରା କାର୍ଯ୍ୟକ୍ଷେତ୍ରର ପ୍ରତ୍ୟକ୍ଷ ଯାଞ୍ଚ କରାଯାଇପାରିବ । କାର୍ଯ୍ୟକ୍ରମ ଅଧିକାରୀ ହିଁ ସାମାଜିକ ସମୀକ୍ଷା ବୈଠକ ନିୟମିତ ଭାବେ ଅନୁଷ୍ଠିତ ହେବାପାଇଁ ଦାୟୀ ରହିବେ, ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏହି ପ୍ରକ୍ରିୟାକୁ ସମୀକ୍ଷା କରିବେ । ଆଇନ୍, ନିୟମାବଳୀ ଏବଂ ମାର୍ଗଦର୍ଶୀକା ଅନୁଯାୟୀ କାର୍ଯ୍ୟଗୁଡ଼ିକ ସମ୍ପାଦିତ ହୋଇଛି କି ନାହିଁ, ତାହା ପରଖି କରିବା ହେଉଛି ସାମାଜିକ ସମୀକ୍ଷା ବୈଠକର ମୂଳ ଉଦ୍ଦେଶ୍ୟ । **ଶ୍ରୀ ଚିତ୍ତ ବେହେରା** ମତ ଦେଇଥିଲେ ଯେ, ଆଇନ୍ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଯାହାକିଛି ଦୋଷତ୍ରୁଟି ଥାଉନା କାହିଁକି, ଯଦି ଗ୍ରାମସଭା ଦ୍ୱାରା ଏହି ସାମାଜିକ ସମୀକ୍ଷା ବୈଠକ ପ୍ରତି ୬ମାସରେ ନିୟମିତ ଭାବେ ହୋଇପାରିବ, ତେବେ ପ୍ରକଳ୍ପଗୁଡ଼ିକ ଠିକ୍ ରୂପେ ସମ୍ପାଦିତ ହେବା ସହିତ ଶ୍ରମିକମାନେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ଓ ଅଧିକାରଗୁଡ଼ିକୁ ସହଜରେ ହାସଲ କରିପାରିବେ ।

**ସୂଚନାସଂଗ୍ରହ ପାଇଁ ଦଳଗଠନ**

ରାଜ୍ୟର ତୃଣମୂଳ ସ୍ତରରେ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ପ୍ରକୃତରେ କିପରି କାର୍ଯ୍ୟାନ୍ୱୀତ ହେଉଛି, ସେ ସମ୍ବନ୍ଧରେ ପ୍ରତ୍ୟକ୍ଷ ଧାରଣା ଅର୍ଜନ ପାଇଁ ପ୍ରତିନିଧିମାନେ ପରଦିନ ସଂପୃକ୍ତ ଦପ୍ତରମାନଙ୍କୁ ଯାଇ ଅନୁସୂଚୀ-୧ର ଧାରା ୧୫,୧୬ ଓ ୧୭ ଅନୁଯାୟୀ ସୂଚନା ନିରୀକ୍ଷଣ ଓ ସଂଗ୍ରହ କରିବେ ବୋଲି ଠିକ୍ ହେଲା । ଏଥି ନିମନ୍ତେ ଚାରୋଟି ସରକାରୀ କାର୍ଯ୍ୟାଳୟକୁ ପରିଦର୍ଶନ କରିବା ପାଇଁ ସମସ୍ତ ପ୍ରତିନିଧିଙ୍କୁ ଚାରୋଟି ଦଳରେ ବିଭକ୍ତ କରାଗଲା ଏବଂ ପ୍ରତ୍ୟେକ ଦଳର ମୁଖ୍ୟ ଦାୟିତ୍ୱ ସମ୍ବଲପୁର ଅଞ୍ଚଳର ଏକ ସାଥୀଙ୍କୁ ଦିଆଗଲା ।

***ଗଠିତ ଦଳଗୁଡ଼ିକ ନିମ୍ନମତେ ଥିଲା :***

**୧ମ ଦଳ:** ଜିଲ୍ଲାପାଳ କାର୍ଯ୍ୟାଳୟ- ରୁଦ୍ର (ଏମ୍.କେ.ପି.), ସଞ୍ଜୀବ (କ), ପୀତାମ୍ବର, ସୁକର୍ଣ୍ଣ, ଗୋଲେକ୍, ସଞ୍ଜୀବ (ଖ) ଏବଂ ଅଜୟ ।

**୨ୟ ଦଳ :** ଜିଲ୍ଲା ଗ୍ରାମ ଉନ୍ନୟନ କାର୍ଯ୍ୟାଳୟ- ସାରଥୀ (ଆଦର୍ଶ), ରମେଶ, ଅଗାଧୁ, ଦିନୁପ୍, ଅଶୋକ(କ), ସତ୍ୟ, ଅଶୋକ (ଖ) ଓ ଅକ୍ଷୟ ।

**୩ୟ ଦଳ :** ବ୍ଲକ୍ କାର୍ଯ୍ୟାଳୟ- ଅଶୋକ(ଲୋକ୍ ବିକାଶ), ପାର୍ଥ, କୈଳାସ, ରମେଶ୍ ବାରିକ୍, କନ୍ଦର୍ପ, ସୂର୍ଯ୍ୟ, ଦାମୋଦର, ଓ ନିବେଦିତା ।

**୪ର୍ଥ ଦଳ:** ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ- ଜୟନାରାୟଣ (ଏସ୍.ଏ.ଆର.ସି.), ରମେଶ ବାଗ୍, ବୈଷ୍ଣବ, ଘନଶ୍ୟାମ, ମାଧବ୍, ହବିବ୍, ସଞ୍ଜୟ ଓ ରଘୁନନ୍ଦନ ।

ପ୍ରତି ଦଳଙ୍କୁ କୁହାଗଲା ସେମାନେ ପ୍ରସ୍ତାବିତ କାର୍ଯ୍ୟାଳୟ ମୁଖ୍ୟଙ୍କୁ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ କି ପ୍ରଶ୍ନ ପଚାରିବେ, ତାହା ରାତିରେ ଏକାଠି ବସି ସ୍ଥିର କରିବେ ଏବଂ ପରଦିନର ଅଧିବେଶନ ଆରମ୍ଭରେ ତାହାକୁ ସମସ୍ତଙ୍କ ଅବଗତି ପାଇଁ ପ୍ରକାଶ କରିବେ । ଏହାପରେ ପ୍ରଥମ ଦିନର କାର୍ଯ୍ୟକ୍ରମ ଶେଷ ହୋଇଥିଲା । ସେତେବେଳକୁ ରାତି ୭ଟା ୧୫ ବାଜିଥିଲା ।

## ଦ୍ୱିତୀୟ ଦିନ- ତା.୦୨.୦୨.୦୭

**ପ୍ରଥମ ଅଧିବେଶନ:**

୨ୟ ଦିନର କାର୍ଯ୍ୟକ୍ରମ **ସାଥୀ ରୁଦ୍ର**ଙ୍କ ଏକ ହୃଦୟସ୍ପର୍ଶୀ ସଙ୍ଗୀତ ପରିବେଷଣ ସହିତ ଆରମ୍ଭ ହୋଇଥିଲା । ଏହାପରେ **ସୁଶ୍ରୀ ନିବେଦିତା ସ୍ୱାଇଁ ଓ ଶ୍ରୀ ରଘୁନନ୍ଦନ ପୁହାଣ**ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପୂର୍ବଦିନ ଅଧିବେଶନର ବିବରଣୀ ପାଠ କରା ଯାଇଥିଲା । ଏହାପରେ ପୂର୍ବଦିନର କାର୍ଯ୍ୟସୂଚୀ ଅନୁସାରେ ପ୍ରତିନିଧିମାନେ ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ ପାଇଁ ଯିବା ପୂର୍ବରୁ **ଶ୍ରୀ ବୀରେନ୍ ନାୟକ ଓ ଶ୍ରୀ ଚିତ୍ତ ବେହେରା** ସେମାନଙ୍କୁ କେତେକ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ପ୍ରଥମତଃ, କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ କଥାବାର୍ତ୍ତା କଲାବେଳେ ମାର୍ଗଦର୍ଶୀକାରେ ଥିବା ବିଧିବ୍ୟବସ୍ଥା ଗୁଡ଼ିକ ଭିତ୍ତିରେ ସେମାନେ ନିଜର ପ୍ରଶ୍ନ ଓ ଯୁକ୍ତିକୁ ଯଥାର୍ଥ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିବେ । କାରଣ, ଓଡିଶାରେ ଯେହେତୁ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଏଯାବତ୍ ପ୍ରବର୍ତ୍ତୀତ ହୋଇନାହିଁ, ଏହି କେନ୍ଦ୍ରୀୟ ମାର୍ଗଦର୍ଶୀକା ହିଁ ଏକମାତ୍ର ନିର୍ଭରଯୋଗ୍ୟ ଦଲିଲ୍, ଯାହାର ଆଧାରରେ ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର ଓ ପ୍ରାପ୍ୟ ପାଇଁ ଦାବୀ କରାଯାଇ ପାରିବ । ଦ୍ୱିତୀୟତଃ, ପ୍ରତି ଦଳ ଜାଣିବାକୁ ଚେଷ୍ଟା କରିବେ, ବର୍ତ୍ତମାନ ସଂପୃକ୍ତ କାର୍ଯ୍ୟାଳୟଗୁଡ଼ିକ କେଉଁ ଦଲିଲ୍‌କୁ ଅନୁସରଣ କରି ଏହି ଆଇନ୍‌କୁ ନିଜ ଅଞ୍ଚଳରେ

କାର୍ଯ୍ୟକାରୀ କରୁଛନ୍ତି । ତୃତୀୟତଃ ପ୍ରତିନିଧିମାନେ ଏକଥା ଜାଣିବାକୁ ଚାହିଁବା ଉଚିତ୍ ଯେ, ଅନୁସୂଚୀ-୧ର ଧାରା ୧ରେ ଥିବା ଅଗ୍ରାଧିକାର-ଭିତ୍ତିକ ପ୍ରକଳ୍ପ ତାଲିକା ଅନୁଯାୟୀ କାର୍ଯ୍ୟଚୟନ ହୋଇଛି ନା, ମନମୁଖୀ ଭାବେ କରାଯାଉଛି ।

ଏହାପରେ, ଶ୍ରୀ ବେହେରା ସୂଚାଇ ଥିଲେ ଯେ, ଯଦି ସୂଚନା ନିରୀକ୍ଷଣ ଓ ସଂଗ୍ରହ ବ୍ୟାପାରରେ ସଂପୃକ୍ତ ସରକାରୀ କାର୍ଯ୍ୟାଳୟରୁ ଆଶାନୁରୂପ ସହଯୋଗ ନ ମିଳେ ତେବେ ଆଇନ୍ ଅନୁସାରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଅଭିଯୋଗ ପତ୍ର ପ୍ରେରଣ କରାଯାଇ ପାରିବ । ଏକ ଅଭିଯୋଗ ପତ୍ର କିପରି ଲେଖା ହେବା ଉଚିତ୍, ତାହାର ଏକ ନମୂନା ଶ୍ରୀ ବେହେରା ସମସ୍ତଙ୍କ ଗୋଚରାର୍ଥେ କଳାପଟାରେ ଲେଖି ଦେଇଥିଲେ । ଏହାପରେ ପ୍ରତ୍ୟେକ ଦଳ ସେମାନଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟାଳୟକୁ ପରିଦର୍ଶନ କରିବା ପାଇଁ ପ୍ରସ୍ଥାନ କରିଥିଲେ । ପରିଦର୍ଶନ ସାରି ଦିନ ପ୍ରାୟ ୨ଟା ବେଳେ ସମସ୍ତ ଦଳର ପ୍ରତିନିଧିମାନେ ପ୍ରଶିକ୍ଷଣ ଶିବିରକୁ ଫେରିଆସିଥିଲେ ଏବଂ ମଧ୍ୟାହ୍ନ ଭୋଜନ ସାରିଥିଲେ ।

**ଦ୍ୱିତୀୟ ଅଧିବେଶନ :**

ଏହି ଅଧିବେଶନର ଆରମ୍ଭରେ ଶ୍ରୀ ବୀରେନ୍ ନାୟକ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇ ସେମାନେ କାର୍ଯ୍ୟାଳୟ ପରିଦର୍ଶନର ଅନୁଭୂତିରେ ବେଶ୍ ଲାଭବାନ୍ ହୋଇଥିବେ ବୋଲି ଆଶା ପ୍ରକାଶ କରିଥିଲେ ଏବଂ ନିଜନିଜ ସ୍ତରରେ ଏଭଳି ଅଭ୍ୟାସ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ସମୟରେ ପ୍ରଶିକ୍ଷଣ ଶିବିରକୁ ଆୟୋଜନ କରୁଥିବା ସମ୍ପ୍ରଦା ନେଟ୍‌ୱାର୍କର ପ୍ରମୁଖ ସହଯୋଗୀ ସଂଗଠନ ଏସ୍.ଆଇ.ଡି.ଆଇ.ର ମୁଖ୍ୟ ଶ୍ରୀ ଅଭିରାମ ପାଢୀ ପହଞ୍ଚିଥିଲେ ଏବଂ ସେ ନିଜର ପରିଚୟ ପ୍ରଦାନ କରିଥିଲେ । ତାଙ୍କୁ ସମସ୍ତ ପ୍ରତିନିଧି ସ୍ୱାଗତ କରିଥିଲେ ।

ଏହାପରେ ପ୍ରତ୍ୟେକ ଦଳ ନିଜନିଜ ପରିଦର୍ଶନର ଅଭିଜ୍ଞତା ନିମ୍ନ କ୍ରମରେ ବର୍ଣ୍ଣନା କରିଥିଲେ ।

**ଚତୁର୍ଥ ଦଳ:** ଏହି ଦଳଟି କଳାମାଟି ଗ୍ରାମପଞ୍ଚାୟତ ଅଫିସ୍‌କୁ ପରିଦର୍ଶନ ପାଇଁ ଯାଇଥିଲେ । ସେଠାରେ ସେମାନେ ଘ.୧୧.୧୫ମିରେ ପହଞ୍ଚିଲେ, ସେତେବେଳେ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦଥିଲା ଏବଂ ଏପରି ବନ୍ଦ ଥିବାର କୌଣସି କାରଣ ସେଠିକାର ନୋଟିସ୍ ବୋର୍ଡରେ ଲେଖାଯାଇ ନଥିଲା । ସେମାନେ ସେଠାରେ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ନିରାଶ ହୋଇ ଫେରିଆସିଲେ । ଏହି ବେନିୟମ କାର୍ଯ୍ୟ ବିରୁଦ୍ଧରେ ସେମାନେ କାର୍ଯ୍ୟକ୍ରମ ଅଧିକାରୀଙ୍କ ପାଖକୁ ଲିଖିତ ଅଭିଯୋଗ ପଠାଇବା ତଥା ଏହାର ନକଲକୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଓ କେନ୍ଦ୍ର କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦଙ୍କୁ ଜଣାଇବାକୁ ଦଳଭୁକ୍ତ ପ୍ରତିନିଧିମାନେ ସ୍ଥିର କଲେ ।

**ତୃତୀୟ ଦଳ:** ଏହି ଦଳଟି ଧାନକଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ସେମାନେ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ଓ ବି.ଡ଼ି.ଓ.ଙ୍କ ସହ ସାକ୍ଷାତ କରିଥିଲେ । ପଞ୍ଚାୟତ ନିର୍ବାଚନ ହେତୁ ବି.ଡ଼ି.ଓ. କାର୍ଯ୍ୟବ୍ୟସ୍ତ ଥିବାରୁ ନିର୍ବାଚନ ପରେ ଅର୍ଥାତ୍ ତା ୨୨-୦୨-୦୭ରିଖରେ ଆସିବା ପାଇଁ ପ୍ରତିନିଧିମାନଙ୍କୁ  କହିଲେ ଏବଂ ସେହିଦିନ ସମସ୍ତ ଆବଶ୍ୟକୀୟ କାଗଜପତ୍ର ସେ ଦେଇପାରିବେ ବୋଲି ପ୍ରତିଶୃତି ଦେଲେ । ଏନ୍.ଆର୍.ଇ.ଜି.ଏ. ଉପରେ ଯଦି ଖାଲି କଥା ହେବା ପାଇଁ ଚାହାଁନ୍ତି, ତେବେ ଏ.ଇ.ଙ୍କ ପାଖକୁ ଯିବାପାଇଁ ବି.ଡି.ଓ. କହିଲେ । ଏ.ଇ.ଙ୍କ ସହ ଏହି ଆଇନ୍ ଉପରେ ପ୍ରତିନିଧିମାନେ କଥା ହେଲେ ଓ ସେହି ବ୍ଲକ୍‌ର ପଞ୍ଜିକରଣ ସଂଖ୍ୟା ଓ କାର୍ଯ୍ୟପତ୍ର ବିତରଣ ସଂକ୍ରାନ୍ତୀୟ କେତେକ ସୂଚନା ସଙ୍ଗରେ ଆଣି ଆସିଲେ । ଏହାଛଡା ସେ ନିମ୍ନୋକ୍ତ ଦୁଇଟି ବିଶେଷ ତଥ୍ୟ ମୁହଁରେ ଜଣାଇଲେ,

- ଆଗାମୀ ବର୍ଷ ପାଇଁ କର୍ମଯୋଜନାରେ ପ୍ରତି ପଞ୍ଚାୟତରେ ୨୦ରୁ ୨୫ଟି ଜମି ପ୍ଲଟ୍‌କୁ ଉନ୍ନତୀକରଣ କରାଯିବ ।
- ଏହି କାମ ପାଇଁ ଜମିର ଆକାର ଓ ପ୍ରକାରକୁ ଦୃଷ୍ଟିରେ ରଖି ଯଥାକ୍ରମେ ୨୦ ହଜାର, ୩୫ ହଜାର ଓ ୫୦ ହଜାର ଟଙ୍କାର ଏକ ତିନି-ଥାକିଆ ଅର୍ଥ-ଲଗାଣ ଯୋଗାଣ ସ୍ଥିର କରାଯାଇଛି ।

**ଦ୍ୱିତୀୟ ଦଳ:** ଏହି ଦଳଟି ପି.ଡି. ଡି.ଆର୍.ଡି.ଏ.ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । କିଛି ସମୟ ପ୍ରତୀକ୍ଷା ପରେ ପି.ଡ଼ି.ଙ୍କୁ ଭେଟି ପାରିଲେ । ପ୍ରତିନିଧିମାନେ ଏନ୍.ଆର୍.ଇ.ଜି.ଏ. ସମ୍ବନ୍ଧରେ ଯେଉଁସବୁ ତଥ୍ୟ ମାଗିଲେ, ସେଗୁଡିକ ପାଇବା ପାଇଁ  ସୂଚନା ଅଧିକାର ଆଇନ୍ ଅନୁସାରେ ଆବେଦନ କରିବାକୁ ସେ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଲେ । ଏନ୍.ଆର୍.ଇ.ଜି.ଏ. ସମ୍ବନ୍ଧରେ ଯେ କୌଣସି ମୌଳିକ ତଥ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିପାରିବ ବୋଲି ପି.ଡି. କହିଲେ । ଏନ୍.ଆର୍.ଇ.ଜି.ଏ. ଅଧୀନରେ ଓଡ଼ିଶା ପାଇଁ ପ୍ରସ୍ତୁତ ହୋଇଥିବା ସ୍କିମ୍‌ର ଏକ ନକଲ ଚାହିଁବାରୁ ପି.ଡି. କହିଲେ, ଓଡ଼ିଶାର ନିଜର କିଛି ସ୍କିମ୍ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ ଏବଂ କେବଳ ପ୍ରଶାସନିକ ଆଦେଶନାମା ଅନୁସାରେ ଆମେ ସବୁ କାମ କରୁଛୁ । ତେବେ ଓ.ଆର୍.ଇ.ଜି.ଏସ୍. ନାଁ କାହିଁକି ଧରୁଛନ୍ତି ?- ଏକଥା ପ୍ରତିନିଧିମାନେ ପଚାରନ୍ତେ, ପି.ଡି. ଉତ୍ତର ଦେଇଥିଲେ, ଆପଣମାନେ ଯେମିତି କହୁଛନ୍ତି ମୁଁ ବି ସେମିତି କହୁଛି । ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପରୋକ୍ତ ଉତ୍ତରରୁ ଏହା ସ୍ପଷ୍ଟ ହୋଇଗଲା ଯେ, ଓଡ଼ିଶା ନିଜର କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଏ ପର୍ଯ୍ୟନ୍ତ ପ୍ରସ୍ତୁତ କରିନାହିଁ ଏବଂ ଖାଲି ପ୍ରଶାସନିକ ଆଦେଶନାମା ବଳରେ ସବୁକାମ କରାଯାଉଛି ।

**ପ୍ରଥମ ଦଳ:** ଏହି ଦଳଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଜିଲ୍ଲାପାଳ ଭୁବନେଶ୍ୱର ଯାଇଥିଲେ । ଏ.ଡି.ଏମ୍. ମଧ ନଥିଲେ । ଶେଷରେ ଜିଲ୍ଲାପାଳଙ୍କ ଷ୍ଟେନୋକୁ ଦେଖାକଲେ । ଜିଲ୍ଲାପାଳ ଆସିଲେ ସବୁକିଛିର ବିବରଣୀ ମିଳିଯିବ ବୋଲି ଷ୍ଟେନୋବାବୁ କହିଲେ । ଏହାପରେ ପ୍ରତିନିଧି ଦଳ ଜିଲ୍ଲା ଜନସୂଚନା ଅଧିକାରୀଙ୍କୁ ଦେଖା କରିବାକୁ ଗଲେ, କିନ୍ତୁ ଏନ୍.ଆର୍.ଇ.ଜି.ଏ. କଥା ଶୁଣି ସେ କିଛି ନ ଜାଣିବା ପରି ବ୍ୟବହାର କଲେ ଏବଂ ପି.ଡ଼ି. ଡ଼ି.ଆର୍.ଡି.ଏ.ଙ୍କ ପାଖରେ ସବୁକିଛି ତଥ୍ୟ ମିଳିଯିବ ବୋଲି କହିଲେ । ଏହାପରେ ଏହି ଦଳ ପି.ଡ଼ି. ଡ଼ି.ଆର୍.ଡ଼ି.ଏ.ଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଲେ, ଏବଂ ତା' ପରେ ପରେ ପି.ଡି.ଙ୍କ ଅଫିସ୍‌ରୁ ଫେରିଥିବା ଦ୍ୱିତୀୟ ଦଳ ସହ ସେମାନଙ୍କର ସାକ୍ଷାତ ହେଲା । ପି.ଡି.ଙ୍କ କାର୍ଯ୍ୟାଳୟରୁ ତଥ୍ୟ ନପାଇ ଫେରିଥିବା ବ୍ୟାପାରରେ କେନ୍ଦ୍ରୀୟ ପରିଷଦ ନିକଟରେ ଅଭିଯୋଗ ଦାଖଲ କରିବାକୁ ଦୁଇଦଳ ନିଷ୍ପତ୍ତି ନେଲେ ।

ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ବ୍ୟବହାର କିପରି ଥିଲା, ଏ ବିଷୟରେ ଶ୍ରୀ ବୀରେନ୍ ନାୟକ ଓ ଶ୍ରୀ ଚିତ୍ତ ବେହେରା ପଚାରିବାରୁ ସମସ୍ତ ଦଳ କହିଥିଲେ ଯେ, ସେମାନଙ୍କ ବ୍ୟବହାର ମୋଟ୍ ଉପରେ ଭଲ ଥିଲା । କିନ୍ତୁ ଏଇଠି ଶ୍ରୀ ବେହେରା ପ୍ରଶ୍ନ ଉଠାଇଥିଲେ, ଆପଣମାନେ ଦଳବଦ୍ଧ ହୋଇ ତଥା ଭଲ ପୋଷାକ ପିନ୍ଧି

ତଥା ଏକ ମଞ୍ଚ ତରଫରୁ ଯାଇଥିଲେ ବୋଲି ଭଲ ବ୍ୟବହାର ପାଇଲେ, ନା ଯେ କେହି ବ୍ୟକ୍ତି ଗଲେ ବି ଏପ୍ରକାର ଭଲ ବ୍ୟବହାର ପାଇବ ? ସୁତରାଂ ଆମ ଆଗରେ ମୂଳ ପ୍ରଶ୍ନ ହେଉଛି, କଥାକହି ଶିଖିନଥିବା କି ଭଲ ପୋଷାକ ପିନ୍ଧିନଥିବା ବ୍ୟକ୍ତି ଯଦି ଗୋଟିଏ ଅଫିସ୍‌କୁ ଯାଏ, ସେ କେମିତି ଅଫିସର୍‌ମାନଙ୍କ ଠାରୁ ଭଲ ବ୍ୟବହାର ପାଇପାରିବ ।

**ଶ୍ରୀ ଅଭିରାମ ପାଢୀ:** ଏହାପରେ ଶ୍ରୀ ଅଭିରାମ ପାଢୀ କେମିତି ଲୋକମାନଙ୍କ ସ୍ୱାର୍ଥ ଓ ଅଧିକାର ହାସଲ ପାଇଁ ସେମାନଙ୍କ ଭିତରେ ସଂଗଠନ ଗଢି ତୋଳିବାକୁ ପଡିବ, ସେ ବିଷୟରେ ବିସ୍ତାରିତ ଭାବେ କହିଲେ । ସାଧାରଣ ଲୋକମାନଙ୍କ ପାଖରେ ସରକାରୀ କର୍ମଚାରୀମାନେ ସବୁବେଳେ କେମିତି ଉତ୍ତରଦାୟୀ ରହିବେ, ଏବଂ ଲୋକମାନେ ମଧ୍ୟ କିପରି ସତ୍‌ସାହସ ସହିତ ସେମାନଙ୍କୁ ପ୍ରଶ୍ନ କରିପାରିବେ, ସେଥିପାଇଁ ସେମାନଙ୍କୁ ଶସକ୍ତୀକରଣ କରାଇବା ହିଁ ଓଡ଼ିଶା ଶ୍ରମ ଅଧିକାର ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଉଭୟ ବୀରେନ୍ ନାୟକ ଓ ଅଭିରାମ ପାଢୀ କହିଥିଲେ । ଏହାପରେ କିଛି ସମୟ ପାଇଁ ବିରତି ହୋଇଥିଲା ।

**ପ୍ରଶାସନିକ ପରିପତ୍ରଗୁଡିକ ଉପରେ ଆଲୋଚନା:** ବିରତି ପରେ ସୁଶ୍ରୀ ନିବେଦିତା ସ୍ୱାଇଁ ଓ ଶ୍ରୀ ରଘୁନନ୍ଦନ ପୁହାଣ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଏନ୍.ଆର୍.ଇ.ଜି.ଏ. ସମ୍ବନ୍ଧରେ ବିଭିନ୍ନ ସମୟରେ ଜାରି ହୋଇଥିବା ପ୍ରଶାସନିକ ଆଦେଶନାମାକୁ ପଢ଼ିଥିଲେ ଏବଂ ଶ୍ରୀ ବୀରେନ୍ ନାୟକ ଓ ଚିତ୍ତ ବେହେରା ସେଗୁଡିକର ସରଳାର୍ଥ ସହିତ ବ୍ୟାଖ୍ୟା କରିଥିଲେ ।

ସର୍ବପ୍ରଥମେ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନା(OREGS)ରେ ମାଟିକାମ ପାଇଁ ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ବୃଦ୍ଧି ଶିରୋନାମାରେ **ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ତା ୨୫.୧୧.୨୦୦୬ରେ** ଜାରି ହୋଇଥିବା ପ୍ରଶାସନିକ ଆଦେଶନାମାଟିକୁ ଆଲୋଚନା କରାଯାଇଥିଲା, ଯେଉଁଥିରେ ୧୦୦ଘନଫୁଟ ମାଟିକାମ (ଚୌକାକାମ) ପାଇଁ ପୂର୍ବରୁ ଥିବା ୫୦ଟଙ୍କାକୁ ୧୦୦ଟଙ୍କାକୁ ବୃଦ୍ଧି କରାଯିବାର ଘୋଷଣା କରାଯାଇଛି ।

ତାହାପରେ **୨୫.୧୨.୨୦୦୧, ୨୭.୧୧.୨୦୦୩ ଓ ୧୫.୨.୨୦୦୬ରେ ରାଜ୍ୟର ଶ୍ରମ ଓ କର୍ମନିଯୁକ୍ତି ବିଭାଗ** (Labour and Employment Department) ତରଫରୁ ନ୍ୟୁନତମ ମଜୁରି ଉପରେ ଘୋଷିତ ହୋଇଥିବା ବିଜ୍ଞପ୍ତିଗୁଡିକର ସାରାଂଶ ଦର୍ଶାଯାଇଥିଲା । ବିଶେଷକରି ୨୦୦୧ମସିହା ପରିପତ୍ରରେ ସୂଚିତ ହୋଇଥିବା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତିକୁଶଳୀ ଶ୍ରମ ସମ୍ବନ୍ଧରେ ଦିଆଯାଇଥିବା ସଂଜ୍ଞା ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ପୁଣି ଏହି ସମସ୍ତ ପରିପତ୍ରଗୁଡିକରେ ଦିଆଯାଇଥିବା ସୂଚନା, ଯଥା ପ୍ରତି ୨ବର୍ଷରେ ମହଙ୍ଗାଜନିତ ମଜୁରି ବୃଦ୍ଧି ଅଢେଇ ଟଙ୍କା ହାରରେ ବୃଦ୍ଧି ପାଇଥାଏ- ସେହି ହିସାବରେ କିପରି ପୂର୍ବରୁ ଥିବା ୫୨ଟଙ୍କା ୫୦ ପଇସା ୨୦୦୬ ମସିହା ଠାରୁ ୫୫ଟଙ୍କାକୁ ଲାଗୁ କରାଯାଇଛି, ସେ ବିଷୟ ଆଲୋଚିତ ହୋଇଥିଲା ।

ଏହାପରେ ପଞ୍ଚାୟତିରାଜ ବିଭାଗ ତରଫରୁ **କମିଶନର୍-ସଚିବ ଶ୍ରୀ ଏସ୍.ଏନ୍. ତ୍ରିପାଠୀଙ୍କ ଦ୍ୱାରା ୨୫.୨.୨୦୦୬**ରେ ରାଜ୍ୟର ୧୯ଟି ଏନ୍.ଆର୍.ଇ.ଜି.ଏ. ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପ୍ରସାରିତ ହୋଇଥିବା ପରିପତ୍ରଟି ଆଲୋଚିତ ହୋଇଥିଲା । ଏହାର ବିଷୟବସ୍ତୁ ଥିଲା- 'Execution of Works under NREGA through Village Labour Leader (VLL)', ଅର୍ଥାତ୍ ଗ୍ରାମସ୍ତରୀୟ ଶ୍ରମିକ ନେତା ଜରିଆରେ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟଗୁଡିକର ସମ୍ପାଦନ । ଉଲ୍ଲେଖଯୋଗ୍ୟ ଯେ, ଏହି ପରିପତ୍ରରେ ଦର୍ଶାଯାଇଛି ଯେ, ଏହି ଶ୍ରମିକ ନେତା ପଲ୍ଲୀସଭାରେ ମନୋନୀତ ହୋଇଥିବେ, କୁଶଳୀ ଶ୍ରମିକର ପାରିଶ୍ରମିକ ହାରରେ ମଜୁରି ପାଇବେ ଏବଂ ବିଭିନ୍ନ ପ୍ରକାର ଦାୟିତ୍ୱ ବହନ କରିବେ, ଯଥା- ମଷ୍ଟର୍ ରୋଲ୍, କାର୍ଯ୍ୟପତ୍ର ଏବଂ ଅନ୍ୟାନ୍ୟ ରେଜିଷ୍ଟରଗୁଡିକର ରକ୍ଷଣାବେକ୍ଷଣ, କାର୍ଯ୍ୟଆଶାୟୀ ବ୍ୟକ୍ତିମାନଙ୍କୁ କାର୍ଯ୍ୟପାଇଁ ନୋଟିସ୍ ଦେବା, କାର୍ଯ୍ୟସ୍ଥଳରେ କାମର ଗୁଣାତ୍ମକ ଓ ପରିମାଣାତ୍ମକ ଦିଗକୁ ତଦାରଖ କରିବା, ଶ୍ରମିକମାନଙ୍କ ଅସ୍ଥାୟୀ ଛୁଟି ସମ୍ବନ୍ଧୀୟ କାଗଜପତ୍ର ରକ୍ଷଣାବେକ୍ଷଣ, ଅନୁସୂଚୀ-୨ର ଧାରା ୨୭ ଓ ୨୮ରେ ଦର୍ଶିତ ହୋଇଥିବା ଶ୍ରମିକମାନଙ୍କ ସକାଶେ ଉଦ୍ଦିଷ୍ଟ ସୁବିଧାସୁଯୋଗର ବ୍ୟବସ୍ଥାପନା ଏବଂ ସାମଗ୍ରୀଗୁଡିକର ଉପଯୁକ୍ତ ବିନିଯୋଗ । ଏହାଛଡା ଶ୍ରମିକ ନେତା ମଜୁରି ବିତରଣ କ୍ଷେତ୍ରରେ ସରକାରୀ ଅଧିକାରୀମାନଙ୍କୁ ସାହାଯ୍ୟ କରିବେ ଏବଂ କାମପାଇଁ ଆସୁଥିବା ସାମଗ୍ରୀଗୁଡିକ ତାଙ୍କ ହେପାଜତରେ ରହିବ । ସେ ଗୋଟିଏ ପଟରେ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବା ଗ୍ରାମସ୍ତରୀୟ କର୍ମୀଙ୍କୁ କାର୍ଯ୍ୟ ପରିବେକ୍ଷଣରେ ଏବଂ ଜୁନିଅର୍/ଆସିଷ୍ଟାଣ୍ଟ ଇଞ୍ଜିନିଅର୍‌ଙ୍କୁ ସମ୍ପାଦିତ କାର୍ଯ୍ୟର ମାପଚୁପ୍ କରିବାରେ ସହାୟତା କରିବେ । ଏହି ପରିପତ୍ରରେ ଏନ୍.ଆର.ଇ.ଜି.ଏ. ଅର୍ଥ କିପରି କେଉଁ ସ୍ତରରେ କେଉଁମାନଙ୍କ ଦ୍ୱାରା କାରବାର ହେବ, ତାହା ବିଶଦ୍ ଭାବେ ଉଲ୍ଲେଖ କରାଯାଇଛି । କେତେକ ପ୍ରତିନିଧି ସୂଚାଇ ଥିଲେ ଯେ, ଶ୍ରମିକ ନେତାମାନେ ଅତୀତର ଠିକାଦାର ଭଳି କାମ କରୁଛନ୍ତି । ଶ୍ରୀ ଚିତ୍ତ ବେହେରା ମତ ଦେଇଥିଲେ ଯେ, ଶ୍ରମିକ-ନେତା ନିଯୁକ୍ତି ବ୍ୟବସ୍ଥା କେତେଦୂର ଆଇନ୍‌ସମ୍ମତ, ତାହା ଅନୁଧ୍ୟାନ କରିବା ଆବଶ୍ୟକ ।

ଏହାପରେ **ଶ୍ରୀ ଏସ୍.ଏନ୍.ତ୍ରିପାଠୀଙ୍କ ଦ୍ୱାରା ତା ୨୯–୦୩–୦୬ରେ** ପ୍ରସାରିତ ହୋଇଥିବା ପରିପତ୍ରକୁ ଆଲୋଚନା କରାଯାଇଥିଲା, ଯାହାର ବିଷୟବସ୍ତୁ ଥିଲା Implementation and Online monitoring of NREGA 2005/OREGS, ଅର୍ଥାତ୍ ଏନ୍.ଆର୍.ଇ.ଜି.ଏ. ୨୦୦୫ ଏବଂ ଓ.ଆର୍.ଇ.ଜି.ଏସ୍.ର କାର୍ଯ୍ୟାନ୍ୱୟନ ଏବଂ ଅନ୍-ଲାଇନ୍ ତଦାରଖ । ଏ ବିଷୟରେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆସରିଥିବା କଥା ଉଲ୍ଲେଖ କରାଯାଇଛି । ଶ୍ରୀ ବୀରେନ୍ ନାୟକ ସୂଚାଇ ଥିଲେ ଯେ, ଏ ପ୍ରକାର ବ୍ୟବସ୍ଥା ଦ୍ୱାରା ଜଣେ ଶ୍ରମିକ ତା'ର ୧୬-ଅଙ୍କ ଥିବା କାର୍ଯ୍ୟପତ୍ରର ନମ୍ବର ଲେଖି ସେ ନିଜେ ପାଇଥିବା କାମ/ମଜୁରୀ/ବେକାରୀ ଭତ୍ତା ଇତ୍ୟାଦି ସମ୍ବନ୍ଧୀୟ ସଦ୍ୟତମ ତଥ୍ୟ ଇଣ୍ଟରନେଟ୍‌ରୁ ପାଇ ପାରିବ, ଏବଂ ଏହାକୁ ସୁନିଶ୍ଚିତ କରିବା ହେଉଛି Online monitoringର ଅସଲ ଉଦ୍ଦେଶ୍ୟ । ଏହି ପ୍ରକ୍ରିୟାରେ ଜଣେ ଶ୍ରମିକ ନିଜର ଅଭିଯୋଗ ଦାଖଲ କରିପାରିବ ତଥା ଅଭିଯୋଗର ଫଳାଫଳ ମଧ୍ୟ ଜାଣିପାରିବ ।

ଏହାପରେ **ତା ୧-୦୭-୦୬ରେ କମିଶନର୍-ସଚୀବ ଶ୍ରୀ ଜି.କେ.ଧଳଙ୍କ** ଦ୍ୱାରା ସଂପୃକ୍ତ ଜିଲ୍ଲାପାଳଙ୍କୁ ସମ୍ବୋଧିତ ହୋଇଥିବା  ପରିପତ୍ର ବିଷୟରେ ଆଲୋଚନା ହୋଇଥିଲା । ଏହାର ପ୍ରସଙ୍ଗ ଥିଲା, ବନୀକରଣ, ଜଳ ସଂରକ୍ଷଣ ଓ ମରୁଡ଼ି ନିରାକରଣ ଆଦି କାର୍ଯ୍ୟଗୁଡିକୁ ହାସଲ କରିବା ଉଦ୍ଦେଶ୍ୟରେ ସଂପୃକ୍ତ ଲାଇନ୍-ବିଭାଗମାନଙ୍କ ଦ୍ୱାରା ପ୍ରକଳ୍ପଗୁଡିକୁ ହାତକୁ ନେବା । ଏହି ପରିପତ୍ରରେ ଦର୍ଶାଯାଇଛି ଯେ, ପ୍ରତି କାର୍ଯ୍ୟର ମଜୁରି ଓ ସାମଗ୍ରୀ ପିଛା ବ୍ୟୟ ୬୦:୪୦ ଅନୁପାତରେ କରାଯିବ । ପୁଣି ଯେହେତୁ କେନ୍ଦ୍ର ସରକାର ସାମଗ୍ରୀ ପିଛା ବ୍ୟୟର ଶତକଡା ୭୫ଭାଗ ବହନ କରିବେ, ତେଣୁ ରାଜ୍ୟର ସଂପୃକ୍ତ ବିଭାଗ ନିଜ ଯୋଜନା ବ୍ୟୟରୁ ବାକୀ ୨୫ଭାଗ ବହନ କରିବେ, ଯାହାକି ସମଗ୍ର ପ୍ରକଳ୍ପ ବ୍ୟୟର ଶତକଡା ୧୦ । ଏହି ସମସ୍ତ କାର୍ଯ୍ୟଗୁଡିକ ଆଇନ୍ ଓ କେନ୍ଦ୍ରୀୟ ମାର୍ଗଦର୍ଶୀକାର ବିଧିବିଧାନ ଅନୁଯାୟୀ ପରିଚାଳିତ ହେବ । ଏହି ପରିପତ୍ରରେ କେନ୍ଦ୍ରୀୟ ମାର୍ଗଦର୍ଶୀକାର  ଅଧ୍ୟାୟ ୧୦ ଓ ୧୧ ରେ ବର୍ଣ୍ଣିତ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ସାମାଜିକ ସମୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି ।

ଏହାପରେ ଆଲୋଚନା ପରିସରକୁ ଆସିଥିଲା **ତା ୨୫-୦୮-୦୬ରେ କମିଶନର୍-ସଚୀବ  ଶ୍ରୀ ଜି.କେ.ଧଳଙ୍କ** ଦ୍ୱାରା ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ପଠା ଯାଇଥିବା ପରିପତ୍ର, ଯାହାର ପ୍ରସଙ୍ଗ ଥିଲା- ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟାବଳୀର ସୁଚାରୁ ନିଷ୍ପାଦନ  ପାଇଁ କର୍ମଚାରୀ ନିଯୁକ୍ତି । ଏଥିରେ ମାସକୁ ୨,୦୦୦ଟଙ୍କା ଦରମାରେ ପ୍ରତି ପଞ୍ଚାୟତ ପାଇଁ ଅତି କମ୍‌ରେ +୨ ଶିକ୍ଷାଗତ ଯୋଗ୍ୟତା ଥିବା ଜଣେ ଲେଖା ବହୁମୁଖୀ ସହାୟକ ବା ଗ୍ରାମ ରୋଜଗାର ସେବକ, ମାସକୁ ୫,୦୦୦ ଟଙ୍କା ଦରମାରେ ପ୍ରତି ବ୍ଲକ୍ ପାଇଁ ଜଣେ ଲେଖାଁ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ଏବଂ ମାସକୁ ୪,୦୦୦ ଟଙ୍କା ଦରମାରେ ପ୍ରତି ବ୍ଲକ୍ ସ୍ତରରେ ଜଣେ ଲେଖାଁ ଅତିରିକ୍ତ କମ୍ପ୍ୟୁଟର୍ ପ୍ରୋଗ୍ରାମର୍ ନିଯୁକ୍ତ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହାଛଡା ଗୋଟିଏ ବ୍ଲକ୍‌ର ଏନ୍.ଆର୍.ଇ.ଜି.ଏ. ସଂପର୍କୀତ ସମସ୍ତ ହିସାବର ରକ୍ଷଣାବେକ୍ଷଣ ଓ ସୁବ୍ୟବସ୍ଥାପନା ପାଇଁ ବାର୍ଷିକ ୬୦,୦୦୦ଟଙ୍କା କିମ୍ବା କମ୍ ବ୍ୟୟରେ  ଜଣେ ଲେଖାଁ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ନିଯୁକ୍ତି ଦେବା ପାଇଁ ଏହି ପରିପତ୍ରରେ କୁହାଯାଇଛି ।

ଏହାପରେ **ତା୧୩-୧୦-୦୬ରେ ଶ୍ରୀ ଜି.କେ.ଧଳ**ଙ୍କ ଦ୍ୱାରା ପ୍ରେରିତ ପରିପତ୍ରକୁ ପଢ଼ାଯାଇଥିଲା, ଯାହାର ପ୍ରସଙ୍ଗ ହେଉଛି,  ସର୍ବସାଧାରଣ ସଜାଗତା ଏବଂ ସାମାଜିକ ସମୀକ୍ଷାକୁ ସୁନିଶ୍ଚିତ କରିବା ଜରିଆରେ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟାବଳୀର ନିଷ୍ପାଦନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ଆଣିବା । ଏଥିରେ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ତଥା ଗ୍ରାମ ସ୍ତରରେ  ସଜାଗତା ଓ ତଦାରଖ କମିଟି ଗଢାଯିବା କଥା କୁହାଯାଇଛି । ଗ୍ରାମସ୍ତରୀୟ କମିଟି ପଲ୍ଲୀସଭା ଦ୍ୱାରା ନିର୍ବାଚିତ ୪/୫ ଜଣ ପ୍ରତିନିଧିଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କ ମଧ୍ୟରେ ଜଣେ ଅନୁସୂଚିତ ଜାତି/ଜନଜାତିର ବ୍ୟକ୍ତି ଓ ଜଣେ ମହିଳା ହୋଇଥିବେ ।  ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସେହି ଗ୍ରାମରେ ସକ୍ରିୟ ଥିବା ଏନ୍.ଜି.ଓ.ର କର୍ମୀ ବା ଜଣେ ସମାଜକର୍ମୀ ଏହି କମିଟିର ସଭ୍ୟଭାବେ ମନୋନୀତ ହୋଇପାରନ୍ତି  । କେନ୍ଦ୍ରୀୟ ମାର୍ଗଦର୍ଶୀକାରେ 'ସାମାଜିକ ସମୀକ୍ଷା'ର ପ୍ରକ୍ରିୟା ସମ୍ବନ୍ଧରେ ଯେଉଁ ବିସ୍ତାରିତ ଦିଗ୍‌ନିର୍ଦ୍ଦେଶ ଦିଆଯାଇଛି, ତହିଁର ଅନୁପାଳନ ପାଇଁ ଏହି ପରିପତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସର୍ବୋପରି ଏଥିରେ ନିର୍ଦ୍ଦେଶ ଦିଆଯାଇଛି ଯେ, ଜିଲ୍ଲାପାଳମାନେ ପରବର୍ତ୍ତୀ କିସ୍ତି ରିଲିଜ୍ ପାଇଁ ଭାରତ ସରକାରଙ୍କୁ ଯେଉଁ ପ୍ରସ୍ତାବ ପଠାଇବେ, ତା ସହିତ ପୂର୍ବ କାର୍ଯ୍ୟଗୁଡିକର ସାମାଜିକ ସମୀକ୍ଷା ହୋଇଛି ବୋଲି ଏକ ପ୍ରମାଣପତ୍ର ସଂଲଗ୍ନ କରିବେ ।

ଏହାପରେ **ତା ୧୬.୧୧.୨୦୦୬ରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚୀବ ଶ୍ରୀ ଶାଶ୍ୱତ ମିଶ୍ର**ଙ୍କ ଦ୍ୱାରା ପ୍ରେରିତ ଏକ ପରିପତ୍ରକୁ ଆଲୋଚନା କରାଗଲା, ଯାହାର ପ୍ରସଙ୍ଗ ଥିଲା, ଏନ୍.ଆଇ.ଇ.ଜି.ଏସ୍. ସଂକ୍ରାନ୍ତରେ କେତେକ ସ୍ପଷ୍ଟୀକରଣ ଓ ଅନୁଦେଶ । ଶ୍ରୀ ମିଶ୍ରଙ୍କର ଏହି ଚିଠିଟି ଏନ୍.ଆର୍.ଇ.ଜି. ଆଇନ୍‌ର ମୂଳ ଭାବ ଓ ଭାଷାଠାରୁ ଅନେକ ଦୃଷ୍ଟିରୁ ବ୍ୟତିକ୍ରମ ବୋଲି ଆଲୋଚନା କ୍ରମେ ଜଣାପଡିଥିଲା । ଏହାର **ବିନ୍ଦୁ-୧**ରେ କୁହାଯାଇଛି ଯେ, ମଜୁରି ଓ ସାମଗ୍ରୀ ବାବଦ ବ୍ୟୟଦଇଟିର ଅନୁପାତ  ୬୦:୪୦ ହେବ ବୋଲି ଯାହା କୁହାଯାଇଛି, ତାହା ସମଗ୍ର ଜିଲ୍ଲା ପାଇଁ ପ୍ରଜୁଜ୍ୟ, ପ୍ରତି ପ୍ରକଳ୍ପ ପାଇଁ ନୁହେଁ । ଏହି ନିର୍ଦ୍ଦେଶନାମା ଆଇନ୍‌ର ଅନୁସୂଚୀ-୧  ଅଧୀନସ୍ଥ ଧାରା-୯କୁ ଉଲ୍ଲଂଘନ କରୁଥିବାର ମନେହୁଏ । ପରିପତ୍ରର **ବିନ୍ଦୁ-୨**ରେ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟପ୍ରକ୍ରିୟାରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ଉପରେ ପ୍ରାଧାନ୍ୟ ଦିଆଯାଇଛି, ଯାହାକି ଆଇନ୍‌ର ଅନୁସୂଚୀ-୧ର ଧାରା-୧ରେ ଅଗ୍ରାଧିକାର ପାଇଥିବା କାର୍ଯ୍ୟ (ଯଥା ଜଳସଂରକ୍ଷଣ ଓ ଜଳଅମଳ, ମରୁଡି-ପ୍ରତିରୋଧକ ବନୀକରଣ ଓ ବୃକ୍ଷରୋପଣ, ଜଳସେଚନ ସୁବିଧା ଇତ୍ୟାଦି)  । ପ୍ରତିନିଧିମାନେ ଅନୁଭବ କରିଥିଲେ ଯେ, ବର୍ତ୍ତମାନ ବିଭିନ୍ନ ଜାଗାରେ ରାସ୍ତାକାମ ଉପରେ ଦିଆଯାଉଥିବା ପ୍ରାଧାନ୍ୟ ପଛରେ ଏହି ପରିପତ୍ରର ନିର୍ଦ୍ଦେଶନାମା ହିଁ ଦାୟୀ । ପରିପତ୍ରର **ବିନ୍ଦୁ-୩**ରେ ସରକାରୀ ବିଭାଗଗୁଡ଼ିକ ଦ୍ୱାରା ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟଗୁଡିକର ଶତକଡା ୫୦ଭାଗ ନିଷ୍ପାଦନ ବିଷୟରେ କହିବାକୁ ଯାଇ ଶ୍ରୀ ମିଶ୍ର କହିଛନ୍ତି ଯେ, ଗ୍ରାମପଞ୍ଚାୟତମାନଙ୍କ ଜରିଆରେ ସଂପୃକ୍ତ ବିଭାଗଗୁଡିକୁ ଏନ.ଆର୍.ଇ.ଜି.ଏ. ଅର୍ଥ ଦିଆଯିବ ନାହିଁ, କାରଣ ତଦ୍ୱାରା ଆର୍ଥିକ ବିଶୃଙ୍ଖଳା ଘଟିବ । ଶ୍ରୀ ମିଶ୍ରଙ୍କ ଏତାଦୃଶ ନିର୍ଦ୍ଦେଶନାମା ଉଭୟ ଆଇନ୍ ଏବଂ କେନ୍ଦ୍ରୀୟ ମାର୍ଗଦର୍ଶୀକାକୁ ଉଲ୍ଲଂଘନ କରୁଛି, କାରଣ ଉଭୟ ହିଁ ଗ୍ରାମସଭା ହାତରେ ସାମାଜିକ ସମୀକ୍ଷା କରିବାର କ୍ଷମତାକୁ ନ୍ୟସ୍ତ କରି ଏହାକୁ ଏହି ଆଇନ୍ ଅଧୀନରେ ବସ୍ତୁତଃ ସର୍ବଶକ୍ତିମାନ କର୍ତ୍ତୃତ୍ୱ ବୋଲି ସ୍ୱୀକାର କରିଛି । ଶ୍ରୀ ମିଶ୍ର ପଞ୍ଚାୟତର ଭୂମିକାକୁ ଏଭଳି ନଗଣ୍ୟଭାବେ ଚିତ୍ରଣ କରିବା କାଦାପି ସମୀଚୀନ ହୋଇନାହିଁ । **ବିନ୍ଦୁ-୪**ରେ କୁହାଯାଇଛି ଯେ, ଖଣ୍ଡ-ଭିତ୍ତିରେ ହେଉଥିବା କାମର ପ୍ରକୃତ ପରିମାଣ ଅନୁଯାୟୀ ଦୈନିକ ମଜୁରିର ପରିମାଣ ସ୍ଥିର ହେବ, ଏବଂ ମଷ୍ଟର୍ ରୋଲ୍‌ରେ ସେହି ପରିମାଣ ହିଁ ଲିଖିତ ହେବ । କିନ୍ତୁ ଆଇନ୍‌ର ଧାରା ୬, ଅନୁସୂଚୀ-୧ର ଧାରା ୮ ଏବଂ କେନ୍ଦ୍ରୀୟ ମାର୍ଗଦର୍ଶୀକାର ଅନୁଚ୍ଛେଦ-୬.୨କୁ ମିଶେଇ ପଢିଲେ ଜଣାପଡେ ଯେ, ଜଣେ ଶ୍ରମିକ ସାତଘଣ୍ଟା କାମ କଲାପରେ ନ୍ୟୁନତମ ଦୈନିକ ମଜୁରୀ ପାଇବାକୁ ହକ୍‌ଦାର ହେବ । **ବିନ୍ଦୁ-୫**ରେ ସରକାରୀ ବିଭାଗଗୁଡିକ ଦ୍ୱାରା ଏନ୍.ଆର.ଇ.ଜି.ଏ. କାର୍ଯ୍ୟାବଳୀର ନିଷ୍ପାଦନ ଶୈଳୀ ଉପରେ କହିବାକୁ ଯାଇ ଶ୍ରୀ ମିଶ୍ର ମୋଟ ଉପରେ କହିଛନ୍ତି ଯେ, ଏହି ବିଭାଗଗୁଡିକ ବର୍ତ୍ତମାନ ପ୍ରଚଳିତ ଥିବା ରାଜ୍ୟ ସରକାରଙ୍କ ନିୟମାବଳୀ ସହିତ ଏନ୍.ଆର୍.ଇ.ଜି.ଏ.ର ପ୍ରାସଙ୍ଗିକ ପ୍ରାବ୍‌ଧାନଗୁଡିକୁ ଅନୁସରଣ କରିବେ । ଏ ପ୍ରକାର ଉଦ୍ଭଟ ସମ୍ମିଶ୍ରଣକୁ ଗୁରୁତ୍ୱ ଦେବା ଫଳରେ ଆଇନ୍‌ର ଧାରା ୧୩(୧)ରେ ଥିବା ପ୍ରାବ୍‌ଧାନ- ପଞ୍ଚାୟତିରାଜ ସଂସ୍ଥାମାନେ ହେଉଛନ୍ତି ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟାନ୍ୱୟନର ପ୍ରମୁଖ କର୍ତ୍ତୃପକ୍ଷ-କୁ ଉଲ୍ଲଂଘନ କରାଯାଉଛି । **ବିନ୍ଦୁ-୬**ରେ ବ୍ୟାଙ୍କ/ପୋଷ୍ଟ ଅଫିସ୍ ଜରିଆରେ ମଜୁରି ବିତରଣ ବ୍ୟବସ୍ଥାକୁ ନିରୁତ୍ସାହିତ କରିବାକୁ ଯାଇ ମଜୁରି-ଶ୍ରମିକମାନଙ୍କୁ 'ନିରକ୍ଷର, ଅଶିକ୍ଷିତ ଏବଂ ନିରୀହ' ବୋଲି ଶ୍ରୀ ମିଶ୍ର ବର୍ଣ୍ଣନା କରିଛନ୍ତି । ଏଭଳି ଉକ୍ତି ଦେଲାବେଳେ ସେ ଭୁଲିଯାଇଛନ୍ତି ଯେ, ଉଭୟ ଆଇନ୍ ଓ କେନ୍ଦ୍ରୀୟ ମାର୍ଗଦର୍ଶୀକା ସେହି ଲୋକମାନଙ୍କୁ ହିଁ ଏହି ଆଇନ୍‌ର କାର୍ଯ୍ୟକାରିତାର ସର୍ବଶ୍ରେଷ୍ଠ ମୂଲ୍ୟାଙ୍କକ ଭାବେ ସ୍ଥାନ ଦେଇଛି ।

ଉପରୋକ୍ତ ପ୍ରଶାସନିକ ପରିପତ୍ରଗୁଡିକର ସମୀକ୍ଷା ହେଲାପରେ ଶ୍ରୀ ବୀରେନ୍ ନାୟକ ଓ ଶ୍ରୀ ଚିତ୍ତ ବେହେରା ମନ୍ତବ୍ୟ ଦେଇଥିଲେ ଯେ, ଏତେଗୁଡିଏ ଆଇନ୍‌ବିରୁଦ୍ଧ କାମ ହେବାର ମୂଳ କାରଣ ହେଲା, ଓଡ଼ିଶା ସରକାର ଏ ପର୍ଯ୍ୟନ୍ତ ଆଇନ୍ ଅନୁଯାୟୀ ନିଜର ଏକ ଉପଯୁକ୍ତ ସ୍କିମ୍ ପ୍ରସ୍ତୁତ କରିନାହିଁ । ସେମାନେ ପୁଣି କହିଥିଲେ ଯେ, ଓଡିଶା ପାଇଁ କିଭଳି ଯଥାଶୀଘ୍ର ଏକ ଯଥାର୍ଥ ସ୍କିମ୍ ପ୍ରସ୍ତୁତ ହୋଇ ଘୋଷିତ ହେବ, ତାହାହିଁ ଆମମାନଙ୍କର ମୂଳ ଲକ୍ଷ୍ୟ ହେବା ଉଚିତ୍ । ଏହି ପରିପ୍ରେକ୍ଷିରେ **ସ୍ପ୍ରେଡ୍ ସଂସ୍ଥାର ସାଥୀ ଅଶୋକଙ୍କ ଗୋଟିଏ ପ୍ରସ୍ତାବ** ଥିଲା- ତୃଣମୂଳ ସ୍ତରରେ ଆଇନ୍‌ଠାରୁ ବିଚ୍ୟୁତ ଓ ବ୍ୟତିକ୍ରମ ହେଉଥିବା ପ୍ରଶାସନର ପ୍ରତି ପଦକ୍ଷେପ ଓ ଆଚରଣ ବିରୁଦ୍ଧରେ ଶ୍ରମିକମାନେ ଯେପରି ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ନିକଟରେ ଅଭିଯୋଗ କରିପାରିବେ, ଏବଂ ବିଶେଷକରି ପ୍ରତି ଅଭିଯୋଗର ନକଲ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ପାଖକୁ ପଠାଯିବ । ଏହି ପ୍ରସ୍ତାବକୁ ସମସ୍ତ ପ୍ରତିନିଧି ସର୍ବାନ୍ତଃକରଣରେ ସମର୍ଥନ କରିଥିଲେ ।

ଏହାପରେ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ ସମାପିତ ହୋଇଥିଲା ।

### ଏନ୍.ଆର୍.ଇ.ଜି.ଏ.ର ମାର୍ଗଦର୍ଶୀକାର ଅନୁବାଦ ପାଇଁ ସ୍ୱତନ୍ତ୍ର ବୈଠକ

ବର୍ତ୍ତମାନ ପରିସ୍ଥିତିରେ ଓଡିଶାରେ ଏନ୍.ଆର୍.ଇ.ଜି.ଏ.କୁ ସଠିକ୍ ଭାବେ କାର୍ଯ୍ୟାନ୍ୱିତ କରିବାକୁ ହେଲେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରକାଶିତ ହୋଇଥିବା ମାର୍ଗଦର୍ଶୀକା ସମ୍ବନ୍ଧରେ ଶ୍ରମିକ, ପଞ୍ଚାୟତିରାଜ କର୍ମକର୍ତ୍ତା ଏବଂ ପ୍ରଶାସନିକ କର୍ମଚାରୀଙ୍କ ଭିତରେ ସଚେତନତାର ବ୍ୟାପକ ପ୍ରସାର ଘଟିବା ଉଚିତ୍ ବୋଲି ପ୍ରଶିକ୍ଷଣ ଶିବିରର ପ୍ରତିନିଧିମାନେ ଗତ ଦୁଇ ଦିନର ଆଲୋଚନା ଭିତରେ ଅନୁଭବ କରି ପାରିଥିଲେ । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ମାର୍ଗଦର୍ଶୀକାର ଓଡ଼ିଆ ଅନୁବାଦ ତୁରନ୍ତ ପ୍ରକାଶ ପାଇବା ଉଚିତ୍ ବୋଲି ସମସ୍ତେ ମଧ୍ୟ ହୃଦୟଙ୍ଗମ କରିଥିଲେ । ତେଣୁ ବିଭିନ୍ନ ସ୍ଥାନରୁ ଆସିଥିବା ଇଚ୍ଛୁକ ପ୍ରତିନିଧିମାନେ ଗୋଟିଏ ସ୍ୱତନ୍ତ୍ର ବୈଠକରେ ମିଳିତ ହୋଇ ଏହି ପୁସ୍ତିକାର ବିଭିନ୍ନ ଅଧ୍ୟାୟକୁ ଅନୁବାଦ କରିବା ପାଇଁ ନିଜ ଭିତରେ ଦାୟିତ୍ୱ ବାଣ୍ଟିନେଲେ । **ସୁଶ୍ରୀ ନିବେଦିତା ସ୍ୱାଇଁ** ସେମାନଙ୍କୁ ସଂଯୋଜନା କରିବାର ଦାୟିତ୍ୱରେ ରହିଲେ । ନିମ୍ନମତେ ଅନୁବାଦର ଦାୟିତ୍ୱ ଆବଣ୍ଟିତ ହୋଇଥିଲା-

| | | |
|---|---|---|
| ରଘୁନନ୍ଦନ | – | ଅଧ୍ୟାୟ ୪ ଓ ୫ |
| ହିମାଂଶୁ | – | ଅଧ୍ୟାୟ ୭ ଓ ୮ |
| ଅଶୋକ (SPREAD) | – | ଅଧ୍ୟାୟ ୧୧ ଓ ୧୨ |
| ସଞ୍ଜୟ ଭାଇ (SWAS) | – | ଅଧ୍ୟାୟ ୧, ୨ ଓ ୧୩ |
| ଦିନକୃଷ୍ଣ (Anwesana) | – | ଅନୁସୂଚୀ ୧, ୨ ଓ ୩ |
| ଅକ୍ଷୟ - | | ଅଧ୍ୟାୟ – ୩ ଓ ଅନୁସୂଚୀ – ୪, ୫ ଓ ୬ |

## ତୃତୀୟ ଦିନ : ୦୩.୦୨.୨୦୦୬

ସର୍ବପ୍ରଥମେ ଶ୍ରୀ ବୀରେନ୍ ନାୟକ ସମସ୍ତ ଯୋଗଦାତାଙ୍କୁ ସ୍ୱାଗତ ଜଣେଇଥିଲେ, ତା'ପରେ ଶ୍ରୀ ରଘୁନନ୍ଦନ ପୁହାଣଙ୍କ ଦ୍ୱାରା ପୂର୍ବଦିନର ବିବରଣୀ ପାଠ କରାଯାଇଥିଲା । ତା'ପରେ **ବଲାଙ୍ଗୀରର ସାମୂହିକ ମରୁଡି ପ୍ରତିକାର ଉଦ୍ୟମ ନେଟ୍‌ଓ୍ୱାର୍କ (SMPU Network)**ତରଫରୁ ପ୍ରକାଶିତ 'ଓଡିଶା ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ଶୀର୍ଷକ ଏକ ସୂଚନା ପୁସ୍ତିକା ସମସ୍ତଙ୍କୁ ବିତରଣ କରାଯାଇଥିଲା । କିନ୍ତୁ **ଶ୍ରୀ ଚିତ୍ତ ବେହେରା** ସେ ବହିକୁ ପଢିବା ପରେ କେତେକ ଗୁରୁତର ତଥ୍ୟଗତ ତ୍ରୁଟି ଦେଖିବାକୁ ପାଇଥିଲେ । ଉଦାହରଣ ସ୍ୱରୂପ, ପୃଷ୍ଠା-୧୫ରେ 'ଅଭିଯୋଗ ଶୁଣାଣି କିପରି ହେବ ?' ର ଉତ୍ତରରେ ଲେଖାଯାଇଛି ଯେ, 'ଅଭିଯୋଗର ଶୁଣାଣି ୧ମାସ ମଧ୍ୟରେ ସରିବ ଏବଂ ଅଭିଯୋଗ ପାଇଁ ଉଦ୍ଦିଷ୍ଟ ଫର୍ମରେ ଅଭିଯୋଗ କରିବେ' । କିନ୍ତୁ ଆଇନ୍‌ର ଧାରା ୨୩(୬)ରେ ଅଛି ଯେ, କାର୍ଯ୍ୟକ୍ରମ ଅଧିକାରୀ ୭ଦିନ ଭିତରେ ଏକ ଅଭିଯୋଗର ଫଇସଲା କରିବେ, ତଥା ଅଭିଯୋଗ ପାଇଁ ଫର୍ମ ବାଧ୍ୟତାମୂଳକ ବୋଲି ଆଇନ୍ କିମ୍ବା ଅନୁସୂଚୀରେ କେଉଁଠି କୁହାଯାଇନି । ତଥ୍ୟଗତ ପ୍ରମାଦ ଥିବା ଏପ୍ରକାର ବହିକୁ ନିଜେ ବ୍ୟବହାର କରିବା କି ଅନ୍ୟମାନଙ୍କ ଭିତରେ ପ୍ରସାର କରିବାକୁ ଶ୍ରୀ ବେହେରା ଦୃଢ଼ଭାବେ ମନାକଲେ । ତା'ପରେ ସେଠାରେ ସ୍ଥିର କରାଗଲା ଯେ, ଓଡିଶା ଶ୍ରମ ଅଧିକାର ଅଭିଯାନର ରାଜ୍ୟ କାର୍ଯ୍ୟାଳୟରୁ ଏହି ଆଇନ୍ ଉପରେ ନିର୍ଭୁଲ୍ ପୁସ୍ତିକାମାନ ପ୍ରକାଶ କରାଯିବ, ଏବଂ ସମସ୍ତେ ସେଗୁଡିକୁ ବ୍ୟବହାର କରିବେ ଏବଂ ସେ ପର୍ଯ୍ୟନ୍ତ ନିଜେ ପ୍ରକାଶ କରିଥିବା ବହିପତ୍ରର ବଣ୍ଟନକୁ ସ୍ଥଗିତ ରଖିବେ ।

ଏହାପରେ ପ୍ରଥମ ଓ ଦ୍ୱିତୀୟ ଦଳ ତରଫରୁ ପ୍ରସ୍ତୁତ ହୋଇଥିବା ଅଭିଯୋଗପତ୍ରକୁ ପଢ଼ାଯାଇଥିଲା । ଏହି ଅଭିଯୋଗ ପତ୍ରରେ ଉଭୟ ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକସଙ୍ଗରେ ଅଭିଯୁକ୍ତ କରିବା ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ତା'ପରେ ଚତୁର୍ଥ ଦଳ ତରଫରୁ ଗ୍ରାମପଞ୍ଚାୟତ ବିରୁଦ୍ଧରେ ଅଭିଯୋଗପତ୍ରକୁ ସାଥୀ ସଞ୍ଜୟ ପଢିଥିଲେ । ୨ଟି ଅଭିଯୋଗକୁ ଠିକ୍‌ରୂପେ ଲେଖି ଶ୍ରୀ ବେହେରାଙ୍କୁ ସଂଶୋଧନ ପାଇଁ ଦେଖାଇବାକୁ ସେହି ଦଳମାନଙ୍କୁ କୁହାଗଲା ।

ତୃତୀୟ ଦିବସର ପ୍ରଥମାର୍ଦ୍ଧରେ କିଛି ସମୟ ପାଇଁ ଅଭିଯାନର ପ୍ରମୁଖ ସହଭାଗୀ ସଂଗଠନ **ଜନବିକାଶ କେନ୍ଦ୍ରର ଶ୍ରୀ ଶରତ ଚନ୍ଦ୍ର ପ୍ରଧାନ ଓ ଅନ୍ତୋଦୟର ଶ୍ରୀ ଦିଲିପ୍ ଦାସ** ଯୋଗଦେଇଥିଲେ । ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ଏନ୍.ଆର୍.ଇ.ଜି.ଏ. ଅର୍ଥକୁ ନେଇ ଉଚ୍ଚ ସ୍ତରରେ ହେଉଥିବା ବ୍ୟାପକ ଦୁର୍ନୀତି ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅତୀତରେ ହୋଇଥିବା 'ନିଯୁତ କୂପ ଯୋଜନା' ଓ ''ଅପରେସନ୍ ବ୍ଲାକ୍‌ବୋର୍ଡ'' ଇତ୍ୟାଦି କାର୍ଯ୍ୟକ୍ରମ କିପରି ଦୁର୍ନୀତି ଯୋଗୁଁ ଭଣ୍ଡୁର୍ ହୋଇଛି, ସେ ବିଷୟ ସେ ସୂଚାଇଥିଲେ । ସୁତରାଂ ଆମର ମୂଳ କର୍ତ୍ତବ୍ୟ ହେବା ଉଚିତ୍, କିପରି ଏନ୍.ଆର୍.ଇ.ଜି.ଏ. ଅର୍ଥର ବାଟମାରଣା ବନ୍ଦ ହେବ । ଶ୍ରୀ ଶରତ

ପ୍ରଧାନ କହିଥିଲେ ଯେ, କେବଳ ସିଭିଲ୍ ସୋସାଇଟି ସଂଗଠନମାନେ ସଂଘବଦ୍ଧ ହେଲେ ରାଜ୍ୟରେ ଏନ୍.ଆର୍.ଇ.ଜି.ଏ. କୁ ଠିକ୍ ରୂପେ କାର୍ଯ୍ୟକାରୀ କରାଇପାରିବେ, କାରଣ ସାଧାରଣ ଗାଉଁଲି ମଜୁରିଆ ଲୋକେ ଏହି ଆଇନ୍‌ର ବିଧିବ୍ୟବସ୍ଥା କି ସରକାରୀ କଳର ମାରପେଞ୍ଚ ବିଷୟରେ କିଛି ଜାଣନ୍ତି ନାହିଁ ।

ଶ୍ରୀ ଦିଲ୍ଲୀପ ଦାସ ଓ୍ୱେବ୍‌ସାଇଟ୍‌ରୁ ସଂଗ୍ରହ କରିଥିବା **ଓଡିଶା ଗେଜେଟ୍ ୯ମେ ୨୦୦୬ରେ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରକାଶିତ ହୋଇଥିବା ଜାତୀୟ କର୍ମନିଯୁକ୍ତି (ଓଡିଶା ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଏବଂ ପାଣ୍ଠି) ନିୟମାବଳୀ, ୨୦୦୬**ର ଏକ ଚିଠା-ଦଲିଲ୍ ସମସ୍ତଙ୍କ ଅବଗତି ନିମିତ୍ତ ଗୃହରେ ଉପସ୍ଥାପନ କରିଥିଲେ । ଏଥିରେ କୁହାଯାଇଛି ଯେ, ଓଡିଶା ଗେଜେଟ୍‌ରେ ପ୍ରକାଶିତ ହେବା ତାରିଖରୁ ୧୫ଦିନ ମଧ୍ୟରେ ଆଗ୍ରହୀ ବ୍ୟକ୍ତିମାନେ ଚିଠା-ଦଲିଲ୍‌ର ପ୍ରାବ୍ଧାନଗୁଡକ ଉପରେ ସେମାନଙ୍କ ମନ୍ତବ୍ୟ ପଞ୍ଚାୟତିରାଜ ବିଭାଗର କମିଶନର୍-ସଚ୍ଚୀବଙ୍କ ନିକଟକୁ ପଠାଇ ପାରିବେ, ଏବଂ ତତ୍‌ପରେ ସରକାର ଏହି ଚିଠା-ଦଲିଲ୍‌କୁ ଚୂଡାନ୍ତ ରୂପ ଦେବେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରକୃତରେ ଏହି ଦଲିଲ୍‌ର ସ୍ଥିତି କ'ଣ ହୋଇଛି, ସେ ବିଷୟରେ କେହି କହିପାରିଲେ ନାହିଁ । ଶ୍ରୀ ବେହେରା ପରାମର୍ଶ ଦେଲେ ଯେ, ସଚିବାଳୟ ସୂତ୍ରରୁ ଏହି ଚିଠା-ଦଲିଲ୍‌ର ବର୍ତ୍ତମାନ ସ୍ଥିତି ଜାଣିବାକୁ ପଡିବ ।

ଏହାପରେ **ଶ୍ରୀ ବୀରେନ୍ ନାୟକ** ତାଙ୍କ ବ୍ୟକ୍ତବ୍ୟରେ ଏନ୍.ଆର୍.ଇ.ଜି.ଏ.କୁ କେନ୍ଦ୍ର କରି ଓଡ଼ିଶାରେ ଘଟୁଥିବା ଯାବତୀୟ ବିଶୃଙ୍ଖଳା ପଛରେ ଏକ ବିଧିବଦ୍ଧ ସ୍କିମ୍‌ର ଅଭାବ ମୂଳ କାରଣ ବୋଲି ଦର୍ଶାଇଥିଲେ । ଓଡିଶା ସରକାର କୌଶଳ କରି କେବଳ ଏକ ଚିଠା-ସ୍କିମ୍‌କୁ ସେମାନଙ୍କ ଓ୍ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରିଚାଲିଛନ୍ତି ଏବଂ ଏହାର ଫଳସ୍ୱରୂପ ବହୁ ସିଭିଲ୍ ସୋସାଇଟି ସଂଗଠନମାନଙ୍କ ମଧ୍ୟରେ ଏକ ଭୁଲ୍ ଧାରଣା ଜନ୍ମିଛି ଯେ, ଓଡିଶାରେ ସ୍କିମ୍ ଲାଗୁ ହୋଇସାରିଛି । ବର୍ତ୍ତମାନ ଅଫିସର୍‌ମାନଙ୍କ ମନମୁଖୀ ପ୍ରଶାସନିକ ଆଦେଶନାମା ବଳରେ ଏହି ଆଇନ୍ ଆମ ରାଜ୍ୟରେ ଚାଲିଛି । ସୁତରାଂ ଆମ ଅଭିଯାନର ମୂଳ ଲକ୍ଷ୍ୟ ହେବା ଉଚିତ୍, ଓଡିଶାରେ କିପରି ଏକ ଉପଯୁକ୍ତ ସ୍କିମ୍ ପ୍ରବର୍ତ୍ତୀତ ହୋଇପାରିବ । ସେପର୍ଯ୍ୟନ୍ତ ଆମକୁ ଓଡିଶାରେ ଘଟୁଥିବା ବିଭିନ୍ନ ପ୍ରକାର ତ୍ରୁଟିବିଚ୍ୟୁତି ସମ୍ବନ୍ଧରେ କେନ୍ଦ୍ରୀୟ ପରିଷଦଙ୍କୁ ଅଭିଯୋଗ ଆକାରରେ ଜଣାଇ ଚାଲିବାକୁ ପଡିବ । ଏହାଛଡା ଗ୍ରାମାଞ୍ଚଳର ସାଧାରଣ ଶ୍ରମିକମାନଙ୍କୁ ମଧ୍ୟ ଓଡିଶାରେ ଏହି ଆଇନ୍ ନାଁରେ ଯାହାକିଛି କେଳଙ୍କାରୀ ଚାଲିଛି, ସେସବୁ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପଡିବ । ଏବଂ ଏହା ଦୃଢ ନିଶ୍ଚିତ ଯେ, ସାଧାରଣ ଲୋକେ ଜାଗ୍ରତ ହେଲେ, ଆଇନ୍‌ର କାର୍ଯ୍ୟାନ୍ୱୟନ ସଠିକ୍ ମାର୍ଗରେ ପରିଚାଳିତ ହୋଇପାରିବ ।

ଏହାପରେ **ଶ୍ରୀ ଚିତ୍ତ ବେହେରା** କହିଥିଲେ ଯେ, ସ୍କିମ୍ ପ୍ରଣୟନ ବିଳମ୍ବ ହୋଇପାରେ, କିନ୍ତୁ ଆଇନ୍‌ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଆମେ ଏନ୍.ଆର୍.ଇ.ଜି.ଏ.ର ଅନୁସୂଚୀ-୧ର ବିନ୍ଦୁ ୧୫ରୁ ୧୭ମଧ୍ୟରେ ଥିବା ପ୍ରାବ୍ଧାନଗୁଡିକର ଉପଯୋଗ କରିବା ଜରୁରୀ । ଏହି ପ୍ରାବ୍ଧାନଗୁଡିକ ମଧ୍ୟରେ ସୂଚନା ଅଧିକାର ଆଇନ୍ ନିହିତ ଅଛି । ଏହାଛଡା ଦୁର୍ନୀତିର ପ୍ରତିକାର ପାଇଁ ଏନ୍.ଆର୍.ଇ.ଜି.ଏ.ର ଧାରା ୧୭ରେ ବର୍ଣ୍ଣିତ ସାମାଜିକ ସମୀକ୍ଷାକୁ କାର୍ଯ୍ୟାନ୍ୱୀତ କରିବାକୁ ପଡିବ, ଯାହାକି କେନ୍ଦ୍ରୀୟ ମାର୍ଗଦର୍ଶୀକାରେ ସୁସ୍ପଷ୍ଟ ଓ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଛି । ସେ ପୁଣି କହିଲେ ଯେ, ଏହି ମାର୍ଗଦର୍ଶୀକାରେ ସାମାଜିକ ସମୀକ୍ଷାର ଯେଉଁ ପଦ୍ଧତି ସୂଚିତ କରାଯାଇଛି, ତାହା ଆମର ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୫ର ପ୍ରାବ୍ଧାନଗୁଡିକ ତୁଳନାରେ ଅଧିକ ପ୍ରଗତିଶୀଳ ଓ ଗଣତାନ୍ତ୍ରୀକ । ଆଗାମୀ ପଞ୍ଚାୟତ ନିର୍ବାଚନ ପରେ ପରେ ସମସ୍ତ ନବ ନିର୍ବାଚିତ ସରପଞ୍ଚ ଓ ଓ୍ୱାର୍ଡସଭ୍ୟଙ୍କୁ ଏନ୍.ଆର୍.ଇ.ଜି.ଇ.ର ସଫଳ ରୂପାୟନ ପାଇଁ ସଚେତନ କରିବା ସକାଶେ ଉପଯୁକ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବାର ଦାୟିତ୍ୱ **ଶ୍ରୀ ବୀରେନ୍ ନାୟକ**ଙ୍କ ଉପରେ ଅର୍ପଣ କରାଗଲା ।

ସବାଶେଷରେ ଶ୍ରୀ ବୀରେନ୍ ନାୟକ ଓଡିଶା ଶ୍ରମ ଅଧିକାର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ବିଷୟରେ ସମସ୍ତ ଶିବିରାର୍ଥୀଙ୍କୁ ସ୍ମରଣ କରାଇ ଦେଇଥିଲେ; ସେଗୁଡ଼ିକ ହେଲା—

***(୧) ଏନ୍.ଆର୍.ଇ.ଜି.ଏ. ଅଧୀନରେ ଓଡ଼ିଶାରେ କୌଣସି ସ୍କିମ୍ ହୋଇନଥିବାରୁ ଆମର ଅଭିଯାନ ଲୋକମତ ଭିତ୍ତିରେ ଏକ ଉପଯୁକ୍ତ ସ୍କିମ୍ ପ୍ରଣୟନ କରିବା କ୍ଷେତ୍ରରେ ଏକ ନିଷ୍ପତ୍ତିମୂଳକ ଭୂମିକା ନେଇପାରିବ ।***

***(୨) ସାମାଜିକ ସମୀକ୍ଷା ମାଧ୍ୟମରେ ଏନ୍.ଆର୍.ଇ.ଜି.ଏ.ର ସମସ୍ତ ସୁବିଧାସୁଯୋଗ ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବାର ପ୍ରକ୍ରିୟାରେ ସହାୟକ ହେବ ।***

***(୩) ଆମେ ଏଠାରେ ଯେତିକି ସଂଗଠନ ଅଛେ, ସମସ୍ତେ ଏକଜୁଟ୍ ହୋଇ କାମ କରିବା ଏବଂ ଅଭିଯାନର ବୃହତ୍ତର ଲକ୍ଷ୍ୟକୁ ସଫଳ କରିବା ପାଇଁ ଅନ୍ୟସବୁ ଆଗ୍ରହୀ ସିଭିଲ୍ ସୋସାଇଟି ସଂଗଠନ, ପଞ୍ଚାୟତିରାଜ ପ୍ରତିନିଧି ଏବଂ ସରକାରୀ କର୍ମକର୍ତ୍ତାଙ୍କୁ ସାମିଲ୍ କରିପାରିବା । ଏବଂ ଏହି ବିଚାରକୁ ଆଖି ଆଗରେ ରଖି ଏଠାରେ ଯୋଗ ଦେଇଥିବା ପ୍ରତି ସଂଗଠନ ନିଜନିଜ ଇଲାକା ପାଇଁ ସୃଜନାତ୍ମକ ଢଙ୍ଗରେ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ ।***

***(୪) ଯେହେତୁ ଆଇନ୍ ଭାଷାରେ ଗ୍ରାମାଞ୍ଚଳର ଅଣକୁଶଳୀ ମଜୁରିଆମାନେ ହେଉଛନ୍ତି ଶ୍ରମିକ, ସେମାନଙ୍କ ଅଧିକାର ଓ ପ୍ରାପ୍ୟ ହାସଲ ପାଇଁ ଓଡ଼ିଶାର ସମସ୍ତ ଏନ୍.ଆର୍.ଇ.ଜି.ଏ. ଜିଲ୍ଲାମାନଙ୍କର ଗ୍ରାମାଞ୍ଚଳ ଶ୍ରମିକମାନଙ୍କ ପାଇଁ ଏକ ଶ୍ରମିକ ସଂଗଠନ ଚଳିତ ବର୍ଷ ଶେଷସୁଦ୍ଧା ପ୍ରତିଷ୍ଠା କରିବା ଦିଗରେ ଏବେଠାରୁ ପ୍ରୟାସ ଜାରି ରଖିବା ।***

ଏହାପରେ ପ୍ରଶିକ୍ଷକମାନଙ୍କ ପାଇଁ ଅନୁଷ୍ଠିତ ୩ଦିନିଆ ପ୍ରଶିକ୍ଷଣ ଶିବିର ଆନିଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଥିଲା ।